



# ସିଟି କଟକ

## ଜିଲ୍ଲା ଓ ତାଲୁକ ଅଦାଲତରେ ମଧ୍ୟସ୍ଥତା କାର୍ଯ୍ୟକ୍ରମ

**କଟକ, ୨।୧(ସମିସ):** ଜାତୀୟ ଆଇନ ସେବା ପ୍ରାଧିକରଣ, ମଧ୍ୟସ୍ଥତା ଏବଂ ସମାଧାନ ପ୍ରକଳ୍ପ କମିଟି ଏବଂ ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକ୍ରମେ ଦେଶବ୍ୟାପୀ ୯୦ ଦିନ ବ୍ୟାପୀ ମଧ୍ୟସ୍ଥତା କାର୍ଯ୍ୟକ୍ରମ ପୁନଃ ଆରମ୍ଭ ହୋଇଛି। ଆଜିଠାରୁ କଟକ ଜିଲ୍ଲା କୋର୍ଟ ତଥା ସମସ୍ତ ତାଲୁକ କୋର୍ଟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହା ମାଧ୍ୟମରେ ମକଦ୍ଦମାର ସଂଖ୍ୟା କମିବା ସହିତ ସମୟ, ଧନ ଓ ମାନସିକ ଚାପର ହ୍ରାସ ହେବ। ମଧ୍ୟସ୍ଥତା କାର୍ଯ୍ୟକ୍ରମ ମାଧ୍ୟମରେ କୋର୍ଟରେ ବିଚାରାଧୀନ ଥିବା ସମସ୍ତ ଘରୋଇ ହିଂସା, ଦୁର୍ଘଟଣାଜନିତ ମକଦ୍ଦମା, ଚେକ ବାଉନ୍ସ କେସ, ରଫାଦଫାଯୋଗ୍ୟ ଫୌଜଦାରୀ, ବାଣିଜ୍ୟିକ ମକଦ୍ଦମା, ସେବା ମାମଲା, ସମସ୍ତ ଦେୱାନୀ ମକଦ୍ଦମାର ମଧ୍ୟସ୍ଥତା ମାଧ୍ୟମରେ ସମାଧାନ କରାଯିବ। ଆଇନଗତ ଲଢ଼େଇ ପରିବର୍ତ୍ତେ ସମ୍ମତିରେ ସମାଧାନ ପାଇଁ ସାଧାରଣ ଜନତାଙ୍କୁ ଏହି ଅଭିଯାନର ଲାଭ ନେବାକୁ ଆହ୍ୱାନ କରାଯାଉଛି।

# ଆଉଟ୍‌ଡୋର ଫାଙ୍କା; କ୍ଲିନିକ୍‌ରେ ଡାକ୍ତର

**କଟକ, ୨।୧(ସମିସ)**

ଏସ୍‌ସିବି ମେଡିକାଲରେ ଡାକ୍ତରମାନେ ରୋଗୀସେବା ପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। ଡ୍ୟୁଟି ସମୟରେ ହସ୍ପିଟାଲ ଛାଡ଼ି ଘରୋଇ କ୍ଲିନିକରେ ରୋଗୀ ଦେଖୁଛନ୍ତି। ଦୀର୍ଘଦିନ ଧରି ଏଭଳି ଘଟଣା ଚାଲି ଆସୁଥିଲେ ସୁଦ୍ଧା ଡାକ୍ତରମାନଙ୍କ 'ପ୍ରାଇଭେଟ୍ ପ୍ରାକ୍ଟିସ' ଉପରେ ଲଗାମ ଲାଗି ପାରୁନାହିଁ। ରାଜ୍ୟ ସରକାର ବଡ ମେଡିକାଲକୁ ଏମ୍ସ ପ୍ଲସ ଭାବେ ଗଢ଼ି ତୋଳିବାକୁ ଲକ୍ଷ୍ୟ ରଖିଛନ୍ତି। ହେଲେ 'ଏମ୍ସ' ଭଳି ଏଠାରେ ପ୍ରାଇଭେଟ ପ୍ରାକ୍ଟିସକୁ ବନ୍ଦ କରାଯାଉନାହିଁ। ସୂଚନା ଅଧିକାର ଆଇନ ଜରିଆରେ ମଧ୍ୟ ଏସ୍‌ସିବି କର୍ତ୍ତୃପକ୍ଷ ଡାକ୍ତରମାନଙ୍କ ଦୋଷଦୁର୍ବଳତାକୁ ଲୁଚାଉଛନ୍ତି। ବଡ ମେଡିକାଲର ଦୁର୍ବଳ ସ୍ୱାସ୍ଥ୍ୟସେବା ବିରୋଧରେ ଅଭିଯୋଗ ଉଠାଇବା ସହିତ ରାଜ୍ୟରେ ସ୍ୱାସ୍ଥ୍ୟସେବାର ହିତ ଦୃଷ୍ଟିରୁ ଏଭଳି ଘଟଣାର ତଦନ୍ତ କରାଯାଉ ବୋଲି ଦାବି କରି ସାମାଜିକକର୍ମୀ ଅଚ୍ୟୁତ କୁମାର ସାହୁ ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖିଛନ୍ତି।

ବଡ ମେଡିକାଲରେ ଡାକ୍ତରଙ୍କ ପ୍ରାଇଭେଟ ପ୍ରାକ୍ଟିସ ବନ୍ଦ କରାଯିବା ନେଇ ଦୀର୍ଘଦିନ ଧରି ଆଲୋଚନା ହୋଇ ଆସୁଛି। କିଛି ଦିନ ପୂର୍ବେ ସଜରୀ ବିଭାଗର ଆସୋସିଏଟ ପ୍ରଫେସର ତଥା ଅତିରିକ୍ତ ଅଧୀକ୍ଷକ ଡାକ୍ତର ଜ୍ୟୋର୍ତିମୟ ନାୟକ ପ୍ରାଇଭେଟ ପ୍ରାକ୍ଟିସକୁ ବିରୋଧ କରି ଗଣମାଧ୍ୟମରେ



ପ୍ରତିକ୍ରିୟା ଦେଇଥିଲେ। ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ସେ ନିବେଦନ କରିଥିଲେ। ତେବେ ଘଟଣା ବାବଦରେ ଅଚ୍ୟୁତ ନିଜ ଅଭିଯୋଗ ପତ୍ରରେ ଉଲ୍ଲେଖ କରିଛନ୍ତି କି, ଏସସିବିକୁ ଅନେକ ପ୍ରଫେସର, ଆସୋସିଏଟ ପ୍ରଫେସର ଏବଂ ଆସିଷ୍ଟାଣ୍ଟ ପ୍ରଫେସର ସଠିକ ସମୟରେ ଆସୁନାହାନ୍ତି। କିଛିଜଣ ଦିନଦିନ ଧରି ମେଡିକାଲକୁ ନଆସି ଘରୋଇ ହସ୍ପିଟାଲରେ ରୋଗୀ ଦେଖୁଛନ୍ତି। ବଡ ମେଡିକାଲ ହେଉଛି ରାଜ୍ୟର ସର୍ବବୃହତ୍ତ ରେଫରାଲ ହସ୍ପିଟାଲ। ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଗୁରୁତର ରୋଗୀ ସ୍ଥାନାନ୍ତର ହୋଇ କଟକ ଆସୁଛନ୍ତି। ହେଲେ ରୋଗୀ ଅପେକ୍ଷାରେ ରହୁଥିଲେ ସୁଦ୍ଧା ଡାକ୍ତରଙ୍କ ଦେଖା ମିଳୁନାହିଁ। ସକାଳ ୯ଟାରୁ ଓପିଡି ଖୋଲୁଥିଲେ ବି ଦିନ ୧୧ଟା ପର୍ଯ୍ୟନ୍ତ ହସ୍ପିଟାଲରେ ଡାକ୍ତରଙ୍କ ପାଦ ପଡୁନାହିଁ। କେବଳ

**ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି ତଦନ୍ତ ଦାବିକଲେ ସାମାଜିକ କର୍ମୀ**

ବଡବଡ ବିପତ୍ତି ଘଟିବା ସମୟରେ ଡାକ୍ତରମାନେ ଏକଜୁଟ ହେଉଥିବା ଦେଖିବାକୁ ମିଳିଛି। ନଚେତ୍ କନିଷ୍ଠ ଡାକ୍ତରଙ୍କ ଆନ୍ଦୋଳନ ବେଳେ ବି ପ୍ରଫେସରମାନେ ମେଡିକାଲ ମୁହାଁ ହେଉନାହାନ୍ତି। ଘଟଣାର ତଦନ୍ତ ସଠିକ ଭାବେ କରାଗଲେ ଅନେକ ସଙ୍ଗୀନ ତଥ୍ୟ ସାମ୍ନାକୁ ଆସି ପାରିବ। ତଦନ୍ତରେ ସହରର ଅନେକ ସାମାଜିକକର୍ମୀ ସହଯୋଗ କରିବେ ବୋଲି ଅଚ୍ୟୁତ ଲିଖିତ ଭାବେ ଜଣାଇଛନ୍ତି।

## ନବବର୍ଷର ଶୁଭେଚ୍ଛା ଜଣାଇଲେ ମୋକିମ୍



**କଟକ, ୨।୧(ସମିସ):** ୨୦୨୬ ନୂତନ ବର୍ଷ ଅବସରରେ ପୂର୍ବତନ ବିଧାୟକ ମହମ୍ମଦ ମୋକିମ ତାଙ୍କ ଆବାସିକ କାର୍ଯ୍ୟାଳୟରେ ସହରର ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ, ବିଭିନ୍ନ ସାହିବସ୍ତି ପୂଜା କମିଟିର କର୍ମକର୍ତ୍ତା, ମୁରବୀଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା, ସାମ୍ବାଦିକ ବନ୍ଧୁ, ରାଜନୈତିକ ଦଳର କାର୍ଯ୍ୟକର୍ତ୍ତାଙ୍କୁ ଭବ୍ୟ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ନୂତନ ବର୍ଷ ୨୦୨୬ ସହର କଟକ ସହ ସମଗ୍ର ରାଜ୍ୟ ପାଇଁ ଶାନ୍ତି, ସମୃଦ୍ଧି ଓ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ନେଇ ଆସୁ। ସମସ୍ତେ ଏକତା, ଭାଇଚାରା ଓ ସମାଜିକ ଦାୟିତ୍ୱବୋଧ ସହ କାମ କରିଲେ ସହରର ଉନ୍ନତି ଓ ଜନସେବା ଅଧିକ ଶକ୍ତିଶାଳୀ ହେବ ବୋଲି ଶ୍ରୀ ମୋକିମ କହିଥିଲେ। ଶାନ୍ତି କମିଟି ସମ୍ପାଦକ ଭିକାରି ଦାସ, ଦୀପାୟନ ପଟ୍ଟନାୟକ, କେଦାର ବେହେରା, ଦେବେନ୍ଦ୍ର କାହାଳୀ ପ୍ରମୁଖଙ୍କ ସମେତ ଗିରିବାଳା ବେହେରା, ଶୈଳବାଳା ଜେନା, ନିକୁଞ୍ଜ ପଶାୟତ, କର୍ପୋରେଟର ସନ୍ତୋଷ ଭୋଳ, ସୁବାଶିଷ ପଟ୍ଟନାୟକ, ଲିଜା ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପସାୟତ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡ଼ା, ଜେ କାମେଶ୍ୱର ରାଓ, ବରିଷ୍ଠ ନେତା କେଦାର ପୃଷ୍ଟି ପ୍ରମୁଖ ଯୋଗଦେଇଥିଲେ।

## ବିବେକାନନ୍ଦ ମହାନ୍ତି ହେଲେ ଏଆଇଏଫ୍‌ଟିପିର ଜାତୀୟ ଉପାଧ୍ୟକ୍ଷ



**କଟକ, ୨।୧(ସମିସ):** ଚଳିତ ବର୍ଷ ପାଇଁ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ବିବେକାନନ୍ଦ ମହାନ୍ତିଙ୍କୁ ଅଲଇଣ୍ଡିଆ ଫେଡେରେସନ ଅଫ ଟାକ୍ସ ପ୍ରାକ୍ଟିସନରସ (ଏଆଇଏଫଟିପି)ର ଜାତୀୟ ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀ ମହାନ୍ତି ପୂର୍ବରୁ ୨୦୨୧ ଓ ୨୦୨୪ ମସିହାରେ ଏଆଇଏଫଟିପିର ପୂର୍ବାଞ୍ଚଳର ଜୋନାଲ୍ ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରିଥିଲେ। ଏଆଇଏଫଟିପି ଏକ ସର୍ବଭାରତୀୟ ପେସାଗତ ସଂଗଠନ, ଯେଉଁଠାରେ ୧୪ ହଜାରରୁ ଅଧିକ ଆଇନଜୀବୀ, ଚାର୍ଟାଡ ଆକାଉଣ୍ଟାଣ୍ଟ, କଷ୍ଟ ଆକାଉଣ୍ଟାଣ୍ଟ ଓ ଟ୍ୟାକ୍ସ ପ୍ରାକ୍ଟିସନର୍ସ ସଦସ୍ୟ ରହିଛନ୍ତି; ଏଥିରେ ପୂର୍ବ ଭାରତ ଅଞ୍ଚଳରେ ପ୍ରାୟ ୪ହଜାର ସଦସ୍ୟ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ଆସାମ, ଓଡ଼ିଶା ଓ ଉତ୍ତରପୂର୍ବ ରାଜ୍ୟ ଗୁଡ଼ିକରୁ ପ୍ରତିନିଧିତ୍ୱ କରୁଛନ୍ତି।

## ମକର ମେଳା ପାଇଁ ଟି- ସେତୁ ଉପରେ ୪ ଦିନ ଯାନବାହନ ଚଳାଚଳ ନିଷେଧ

**କଟକ, ୨।୧(ସମିସ):** ମକର ସଂକ୍ରାନ୍ତି ଅବସରରେ ବଡମ୍ବା ଅନ୍ତର୍ଗତ ସିଂହନାଥ ପୀଠରେ ଅନୁଷ୍ଠିତ ହେବାକୁ ଥିବା ମକର ମେଳା ପାଇଁ ଟି-ସେତୁ ଉପରେ ଯାନବାହନ ଚଳାଚଳ ନିଷେଧ କରାଯାଇଛି। ଆସନ୍ତା ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସିଂହନାଥ ପୀଠରେ ମକର ମେଳା ଅନୁଷ୍ଠିତ ହେବ। ମେଳା ଅବସରରେ ଜନସାଧାରଣଙ୍କ ସୁରକ୍ଷା, ସୁବିଧା ଓ ସୁଚାରୁ ରୂପେ ଭିଡ ନିୟନ୍ତ୍ରଣକୁ ଦୃଷ୍ଟିରେ ରଖି ବଡମ୍ବା ବିଧାୟକ ବିଜୟ କୁମାର ଦଳବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଟି ସେତୁ ଉପରେ ୧୪ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସକାଳ ୭ଟାଠାରୁ ରାତି ୯ଟା ପର୍ଯ୍ୟନ୍ତ ସମସ୍ତ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ନିଷେଧ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମକର ମେଳା ସମୟରେ ଟି ସେତୁ ଉପରେ ଜନ ସମାବେଶ ତଥା ଭକ୍ତଙ୍କ ଯିବା ଆସିବାକୁ ଦୃଷ୍ଟିରେ ରଖି ଦୁର୍ଘଟଣା ରୋକିବା ଓ ଯାତାୟାତରେ ସୁବିଧା ପାଇଁ ଏହି ପଦକ୍ଷେପ ନିଆଯାଇଛି।

## ସ୍ମୃତିରଞ୍ଜନ କଟକ ଜିଲ୍ଲା ବିଜେପିର ନୂଆ ସମ୍ପାଦକ

**କଟକ, ୨।୧(ସମିସ):** ଜିଲ୍ଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱାଧୀନ ନୂତନ ଜିଲ୍ଲା କମିଟିକୁ ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ଅନୁମୋଦନ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କଟକ ଜିଲ୍ଲା ବିଜେପି ନୂତନ ସଂଗଠନିକ କମିଟିରେ ଜଣାଶୁଣା ଛାତ୍ର ଏବଂ ଯୁବ ସଂଗଠକ ସ୍ମୃତିରଞ୍ଜନ ମିଶ୍ରଙ୍କୁ ଜିଲ୍ଲାର ନୂତନ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଶ୍ରୀ ମିଶ୍ର ପୂର୍ବରୁ ଜିଲ୍ଲା ଏବଂ ରାଜ୍ୟ ବିଜେପିରେ ବିଭିନ୍ନ ଦାୟିତ୍ୱ



ତୁଲାଇଥିବା ବେଳେ ବିଜେପି ଭଦ୍ରକ ଜିଲ୍ଲା ଯୁବମୋର୍ଚ୍ଚାର ପ୍ରଭାରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ରେଭେନ୍ସା ବିଶ୍ୱବିଦ୍ୟାଳୟ ସମେତ ସମସ୍ତ କଲେଜରେ ଛାତ୍ର ସଂଗଠନ ଗଢିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ସେ କଟକରେ ପରିଚିତ। ନୂତନ ଦାୟିତ୍ୱ ପରେ ଶ୍ରୀ ମିଶ୍ର କଟକ ସହରରେ ବିଜେପିର ସଂଗଠନକୁ ସଶକ୍ତ କରାଯିବା ସହ ସାଧାରଣ ଲୋକଙ୍କ ନିକଟରେ ସରକାରଙ୍କ ସମସ୍ତ ସରକାରୀ ଯୋଜନା ପହଞ୍ଚାଇବା ମୂଳ ଲକ୍ଷ୍ୟ ରହିବ ବୋଲି ଗଣମାଧ୍ୟମକୁ ଜଣାଇଛନ୍ତି।

# ନୂଆ ବର୍ଷରେ ନୂଆ ମିସନ; କର୍ମୀଙ୍କୁ ଦେଲା ଉତ୍ସାହ



**କଟକ, ୨।୧(ସମିସ):** ନୂଆ ବର୍ଷରେ ନୂଆ ମିସନ, କଟକ ବିଜେଡି କର୍ମୀଙ୍କ ମହଲରେ ଦେଖାଦେଇଛି ବଡ଼ ଉତ୍ସାହ। ନବୀନ ବାବୁଙ୍କ ନେତୃତ୍ୱରେ ଆମେ ସମସ୍ତେ ଏକାଠି ହୋଇ କାମ କରିବା ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳକୁ ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ଆମର ଶତପ୍ରତିଶତ ଉଦ୍ୟମ ଜାରି ରହିବ ବୋଲି ଆଜି କଟକ ଜିଲ୍ଲା କାର୍ଯ୍ୟାଳୟରେ ଆୟୋଜିତ ନବବର୍ଷ ସ୍ୱାଗତ ଉତ୍ସବ ଅବସରରେ ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହ କହିଛନ୍ତି। ଦଳକୁ ମଜବୁତ କରିବା, ସରକାରଙ୍କ ଜନମାରଣ ନୀତିକୁ ଯୋରଦାର ବିରୋଧ କରିବା ପାଇଁ ଆଜି ବାଦାମବାଡିସ୍ଥିତ କଟକ ଜିଲ୍ଲା ବିଜେଡି କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ଶ୍ରୀ ସିଂହଙ୍କ ନେତୃତ୍ୱରେ ବହୁ ଅଗଧାଡିର ନେତୃମଣ୍ଡଳୀ ଏକାଠି ହୋଇଥିଲେ। ଅଧପନ୍ତରିଆ ହୋଇ ପଡ଼ିରହିଥିବା ଜିଲ୍ଲା କାର୍ଯ୍ୟାଳୟକୁ ନବୀକରଣ କରାଯାଇ ବହୁ ପୁରୁଖା ନେତାଙ୍କୁ ଗୋଟିଏ ଛାତ ତଳେ ଏକଜୁଟ କରିବା ପାଇଁ ପ୍ରୟାସ ଜାରି

**କଟକ ଜିଲ୍ଲା କରିବ ଆଶା ସଞ୍ଚାର: ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ ସିଂହ**

ରହିଥିବା ବେଳେ ଶ୍ରୀ ସିଂହ ସଭାପତି ହେବା ପରେ କର୍ମୀଙ୍କ ମନରେ ଏକ ସାଙ୍ଗଠନିକ ଉତ୍ସାହ ଦେଖିବାକୁ ମିଳିଛି ବୋଲି ବରିଷ୍ଠ ବିଜେଡି ନେତା ମଧୁ ସାହୁ କହିଛନ୍ତି। ଖୁବଶୀଘ୍ର ଜିଲ୍ଲା କମିଟି ଗଠନ କରାଯାଇ ଦଳକୁ ଆହୁରି ଶକ୍ତିଶାଳୀ କରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ସିଂହ କହିଛନ୍ତି। ପୂର୍ବତନ ମେୟର ମିନାକ୍ଷୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଜ୍ୟୋତିପ୍ରଭା ନାୟକ, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷା ସୁପ୍ରିୟା ଜେଠୀ, ଜିଲ୍ଲା ପୂର୍ବତନ ଯୁବସଭାପତି ସ୍ମୃତିରଞ୍ଜନ ନାୟକ, ବରିଷ୍ଠ ନେତା ପ୍ରେମଚାନ୍ଦ ନାୟକ, ଯୁଗଳ କିଶୋର ନାୟକ, ତାପସ ମହାନ୍ତି, ମହମ୍ମଦ ସକିଲ, ସୟେଦ ଏକ୍ରାମ ହୁସେନ, ଇଂ ସୁବ୍ରତ ଘଡାଇ, ସଞ୍ଜୟ ଜେନା, ପ୍ରକାଶ ସିଂହ, ରାଜେନ୍ଦ୍ର ରଣା, ଇଂ ଆଶିଷ ସ୍ୱାଇଁ, ବିଷ୍ଣୁ ସାହୁ, ଦିଲ୍ଲୀପ ସାହୁ, ପ୍ରଫୁଲ ବେହେରା, ଦେବେନ୍ଦ୍ର କାହାଳୀ, ଯୁଧିଷ୍ଠିର ବିଶ୍ୱାଳ, ବିମଳ ବେଉରିଆ, ଅଜୟ ମହାନ୍ତି, ବିଭୂତି ସ୍ୱାଇଁ, ଚୌଦ୍ୱାର କଟକ ସଭାନେତ୍ରୀ ସୌଭାଗିନୀ ଜେନା, ମିତାଲୀ ଭଞ୍ଜଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଏନ୍‌ଏସ୍‌ଏସ୍ ଓ ୟୁଥ୍ ରେଡ୍‌କ୍ରସ୍ ପକ୍ଷରୁ ସଚେତନତା



**କଟକ, ୨।୧(ସମିସ):** ଇମର୍ତ୍ତୀ ଦେବୀ ମହିଳା ମହବିଦ୍ୟାଳୟରେ ବୁଲା କୁକୁର ଏବଂ ବୁଲା ଗୋରୁଙ୍କୁ ନେଇ ଏନ୍‌ଏସଏସ୍ ଏବଂ ଓଇଆରିସିର ମିଳିତ ଉଦ୍ୟମରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଶାଶ୍ୱତୀ ସୌମ୍ୟା ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବରେ ଟାଙ୍ଗୀ ଚୌଦ୍ୱାରର ଭେଟରିନାରୀ ସର୍ଜନ ଡକ୍ଟର ସୁଧନ୍ୟା ନାଥ ସଚେତନ କରାଇଥିଲେ। ଡ. ସୁମିତା ଆଚାର୍ଯ୍ୟ ସଭା ପରିଚାଳନା କରିଥିଲେ। ନୋଡାଲ ଅଫିସର ଡ. ଦେବାଶିଷ ସ୍ୱାଇଁ ତାଙ୍କର ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀଗଣ ଉପସ୍ଥିତ ଥିଲେ। ଛନ୍ଦା ପଲେଇ ଧନ୍ୟବାଦ ଦେଇଥିଲେ।

## ଆଇଏମ୍‌ଏ ଓଡ଼ିଶା ଶାଖାର କର୍ମକର୍ତ୍ତା ନିର୍ବାଚନ

**କଟକ, ୨।୧(ସମିସ):** ଭାରତୀୟ ଚିକିତ୍ସକ ସଂଘ (ଆଇଏମଏ) ଓଡ଼ିଶା ଶାଖାର ୨୦୨୬-୨୦୨୮ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ପ୍ରକ୍ରିୟା ଶେଷ ହୋଇଛି। ନିର୍ବାଚନରେ ଭଦ୍ରକ ଶାଖାର ଡାକ୍ତର ହରେକୃଷ୍ଣ ନାୟକ ୨୦୨୬-୨୭ ନିମନ୍ତେ ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ କଟକ ଶାଖାର ଡାକ୍ତର ଜନ୍ମେଜୟ ମହାପାତ୍ର ୨୦୨୭-୨୮ ବର୍ଷ ପାଇଁ ନୂତନ ସଭାପତି ଭାବେ ମନୋନୀତ ହୋଇଛନ୍ତି। ସେହିପରି ଗୁରୁତ୍ୱପୂର୍ଣ୍ଣ ରାଜ୍ୟ ସମ୍ପାଦକ ପଦରେ କଟକର ଡାକ୍ତର ମୃତ୍ୟୁଞ୍ଜୟ ମହାପାତ୍ର ନିର୍ବାଚିତ ହୋଇଛନ୍ତି। ଭୁବନେଶ୍ୱରର ଡାକ୍ତର ଚଞ୍ଚଳ ଶ୍ରୀ ସରକାର ଉପସଭାପତି (୨୦୨୬-୨୭) ଏବଂ ବ୍ରହ୍ମପୁରର ଡାକ୍ତର ଚରଣ ପଣ୍ଡା ୨୦୨୭-୨୮ ବର୍ଷ ପାଇଁ ନବନିର୍ବାଚିତ ଉପସଭାପତି ଭାବେ ଦାୟିତ୍ୱ ତୁଲାଇବେ। ସଂଘର ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟ ପାଇଁ ଅନୁଗୁଳର ଡାକ୍ତର ବିଶ୍ୱଜିତ ସାମଲ ଅର୍ଥ ସମ୍ପାଦକ, କଟକର ଡାକ୍ତର ଦୀପକ ରଞ୍ଜନ ଦାସ ମୁଖ୍ୟାଳୟ ଯୁଗ୍ମ ସମ୍ପାଦକ ଏବଂ ଭୁବନେଶ୍ୱରର ଡାକ୍ତର ରୀତାଞ୍ଜଳି ମିଶ୍ର ଯୁଗ୍ମ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି।

# ଅତିରିକ୍ତ ବିଜୁଳି ସୁରକ୍ଷା ଦେୟ ବିରୋଧରେ ବିକ୍ଷୋଭ




**କଟକ, ୨।୧(ସମିସ):** ଟାଟା ପାୱାର ଜମା ସୁରକ୍ଷା ଏବଂ ସ୍ମାର୍ଟ ମିଟରକୁ ବିରୋଧ କରି କଟକ ମହାନଗର ଦକ୍ଷିଣାଞ୍ଚଳ ନାଗରିକ ସମିତି ତରଫରୁ ସ୍ଥାନୀୟ ବାଲିକୁଦା ଗୋପାଳପୁର ଟାଟାପାୱାର ଅଫିସ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଏହି ଡିଭିଜନର ଅଘୋଷିତ ବିଜୁଳି କାଟ ସହିତ ବାରମ୍ବାର ଅଭିଯୋଗ କଲେ ମଧ୍ୟ ମୁକୁଳା ବିପଦପୂର୍ଣ୍ଣ ଟ୍ରାନ୍ସଫର୍ମରକୁ ଆବଦ୍ଧ ନ କରିବା, ଜନ ବସତି ଅଞ୍ଚଳରୁ ୩୩ କେଭି ଉଠାଇବାରେ ଅବହେଳା ଅଭିଯୋଗ କରି ସ୍ଥାନୀୟ ଭାରପ୍ରାପ୍ତ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ନାଗରିକ ସମିତିର ଆବାହକ ଅକ୍ଷୟ ରାଉଳଙ୍କ ସମେତ ଡ଼ ବ୍ରଜକିଶୋର ନାୟକ, ରଞ୍ଜନ ଲେଙ୍କା, ହରିଜୀବନ ଦାସ, ରମାକାନ୍ତ ସାହୁ, ଦୁଷ୍ମନ୍ତ ଦାସ, ଗୋବିନ୍ଦ ଦାସ, ବିଭାଶିନୀ ରାଉତ, ସୁଷମା ପଣ୍ଡା, ସୁଶାନ୍ତ ମହାନ୍ତି, ନଳିନୀ ମହାନ୍ତି, ଜିଲ୍ଲା ଉପଭୋକ୍ତା ମଞ୍ଚ ତରଫରୁ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବିଶ୍ୱାବସୁ ଦାସଙ୍କ ସମେତ ରଞ୍ଜନ ପାଳ, ସଞ୍ଜୟ ଲେଙ୍କା, ଦିପ୍ତୀରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

**ଘରୋଇ ହସ୍ପିଟାଲରେ ଚିକିତ୍ସା ଅବହେଳା ଅଭିଯୋଗ**

# ଅସ୍ତ୍ରୋପଚାର ପୂର୍ବରୁ ଯୁବକଙ୍କ ମୃତ୍ୟୁ

**କଟକ, ୨।୧(ସମିସ):** କଟକ ଜିଲ୍ଲା ଜଗତପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଡାକ୍ତରଙ୍କ ତ୍ରୁଟିପୂର୍ଣ୍ଣ ଚିକିତ୍ସା ଯୋଗୁଁ ଜଣେ ଉଚ୍ଚଶିକ୍ଷିତ ଯୁବକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି, ଯାହାକୁ ନେଇ ହସ୍ପିଟାଲ ପରିସରରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି। ସୂଚନା ଅନୁଯାୟୀ, ଗୋବିନ୍ଦପୁର ଥାନା ବଡ଼ବିଲ ସାଇଲୋ ଗାଁର ସ୍ୱରାଜ ବେହେରା (୨୬) ଗତ ଡିସେମ୍ବର ୧୨ ତାରିଖରେ ଏକ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଜଗତପୁରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗୋଡ଼ହାଡ଼ର ଅସ୍ତ୍ରୋପଚାର ପାଇଁ ଡାକ୍ତର ସମୟ ଧାର୍ଯ୍ୟ କରିବା ପରେ ତାଙ୍କୁ ଜାନୁଆରୀ ୨ ତାରିଖ ପୂର୍ବାହ୍ନ ୧୦ଟାରେ ଅପରେସନ୍ ଥିଏଟର ଓଟିକୁ ନିଆଯାଇଥିଲା। ମାତ୍ର ଅସ୍ତ୍ରୋପଚାର ଶେଷ ହେବାରେ ଅହେତୁକ ବିଳମ୍ବ ହେବାରୁ ପରିବାର ଲୋକେ ପଚରାଉଚରା କରିବା ପରେ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱରାଜଙ୍କ ମୃତ୍ୟୁ ଘଟିଥିବା ସୂଚନା ଦେଇଥିଲେ। ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, ସ୍ୱରାଜଙ୍କ ମୃତ୍ୟୁ ପ୍ରାୟ ଦୁଇ ଘଣ୍ଟା ପୂର୍ବରୁ ହୋଇସାରିଥିଲେ ମଧ୍ୟ ହସ୍ପିଟାଲ କର୍ତ୍ତୃପକ୍ଷ ଏହାକୁ ଲୁଚାଇ ରଖିଥିଲେ। ସ୍ୱରାଜଙ୍କ ମୃତ୍ୟୁ ପାଇଁ ଡାକ୍ତରଙ୍କ ଅବହେଳା ଏବଂ ଭୁଲ୍ ଇଞ୍ଜେକ୍ସନ କିମ୍ବା ଆନାସ୍ଥେସିଆର ଓଭରଡୋଜ୍‌କୁ ପରିବାର ସଦସ୍ୟ ଦାୟୀ କରିଛନ୍ତି। ମୃତ ଯୁବକଙ୍କ ବଡ଼ଭାଇ ସରୋଜଙ୍କ କହିବା ଅନୁଯାୟୀ, ଅସ୍ତ୍ରୋପଚାର ପୂର୍ବରୁ ସ୍ୱରାଜ ସମ୍ପୂର୍ଣ୍ଣ ସୁସ୍ଥ ଥିଲେ ଏବଂ ସ୍ୱାଭାବିକ କଥାବାର୍ତ୍ତା କରୁଥିଲେ। ଘଟଣା ପରେ ସମ୍ପୃକ୍ତ ଅସ୍ଥିଶଲ୍ୟ ଓ ଆନାସ୍ଥେସିଆ ଡାକ୍ତର ହସ୍ପିଟାଲରୁ ଫେରାର ହୋଇଯାଇଥିବା ଅଭିଯୋଗ ହେବା ସହ ହସ୍ପିଟାଲ କର୍ତ୍ତୃପକ୍ଷ ମଧ୍ୟ କୌଣସି ସଠିକ୍ ଉତ୍ତର କିମ୍ବା ପ୍ରତିକ୍ରିୟା ଦେଇନାହାନ୍ତି। ଏହାକୁ ନେଇ ମୃତକଙ୍କ ସମ୍ପର୍କୀୟ ଓ




ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ଜଗତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ପୁଲିସ ସୂଚନା ଦେଇଛି।















## ନିର୍ଗୁଣ୍ଡି ଡବଲ ମର୍ଡର ଘଟଣା

# ଗ୍ୟାରେଜ୍ ମାଲିକ ସହ ୩ ଗିରଫ, ଅନ୍ୟ ୩ ଫେରାର

ଟାଙ୍ଗୀ,୨।୧(ସମିସ)





**ହତ୍ୟାକାଣ୍ଡର କାରଣକୁ ନେଇ ବିବାଦ**

ନିର୍ଗୁଣ୍ଡି ନିକଟସ୍ଥ "ଓମ୍ ନାରାୟଣୀ ନମଃ' ପୋକଲିନ୍ ଗ୍ୟାରେଜରେ ଦୁଇ ଯୁବକଙ୍କୁ ପିଟି ପିଟି ହତ୍ୟା କରିବା ଘଟଣାରେ ଟାଙ୍ଗୀ ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗ୍ୟାରେଜ ମାଲିକ ଦିଲ୍ଲୀପ କୁମାର ନାୟକ (୩୯), ଜ୍ଞାନରଞ୍ଜନ ମହାନ୍ତି (୫୭) ଏବଂ ମିଥୁନ୍ ସିଂ ଓରଫ ବବୁଲ (୨୫)। ଚୌଦ୍ୱାର ଉପଖଣ୍ଡ ପୁଲିସ ଅଧିକାରୀ ଉମାକାନ୍ତ ନାୟକ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ଭାରତୀୟ ନ୍ୟାୟ ସଂହିତାର ଦଫା ୧୦୩(୧)/୩(୫) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ତେବେ ଏହି ଘଟଣାରେ ସଂପୃକ୍ତ ଅନ୍ୟ ତିନି ଅଭିଯୁକ୍ତ ବ୍ରହ୍ମାନନ୍ଦ ଗଁଡିଆ, ଦିଲେଶ୍ୱର ନାୟକ ଓ ବିଶ୍ୱରଞ୍ଜନ ଖୁଣ୍ଟିଆ ଏବେ ମଧ୍ୟ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

ପ୍ରାଥମିକ ତଦନ୍ତରୁ ଏହା ଚୋରି ସନ୍ଦେହରେ ଘଟିଥିବା ଗୋଷ୍ଠୀଗତ ଆକ୍ରମଣ ବୋଲି ଆଲୋଚନା ହେଉଥିବା ବେଳେ, ମୃତ ସୋଏବଙ୍କ ପରିବାର ବର୍ଗ ଏହାକୁ ଗ୍ରହଣ କରିନାହାନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ। ଏହି ବିଷୟକୁ ନେଇ ଥାନା ପରିସରରେ ମୃତକଙ୍କ ସମ୍ପର୍କୀୟ ଓ ପୁଲିସ ମଧ୍ୟରେ ଯୁକ୍ତିତର୍କ ହୋଇଥିବା ଦେଖିବାକୁ ମିଳିଥିଲା। ପୁଲିସର କାର୍ଯ୍ୟଧାରାକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ ହେଁ, ପରିବାର ଲୋକେ ବିଚାର ବ୍ୟବସ୍ଥା ଉପରେ ଭରସା ରଖିଥିବା କହିଛନ୍ତି।

ସୂଚନାଯୋଗ୍ୟ ଯେ ଗତ ଡିସେମ୍ବର ୩୦ ତାରିଖ ରାତିରେ ମହମ୍ମଦ ସୋଏବ ଓ ପ୍ରଶାନ୍ତ ଜେନାଙ୍କୁ ଗ୍ୟାରେଜ ପରିସରରେ ଖମ୍ବରେ ବାନ୍ଧି, ଶୀତଳ ପାଣି ଢାଳି ନିର୍ମମ ଭାବେ ପିଟି ପିଟି ହତ୍ୟା କରାଯାଇଥିଲା। ଏହି ବର୍ବରୋଚିତ କାଣ୍ଡ ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା।

## ଅସହାୟଙ୍କୁ ନବବର୍ଷର ଉପହାର



ଟାଙ୍ଗୀ,୨।୧(ସମିସ): ଇଂରାଜୀ ନବବର୍ଷ ଅବସରରେ ଶୁକ୍ରବାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ମୁଖ୍ୟାଳୟ କୋଟସାହି ପଞ୍ଚାୟତ ଟାଙ୍ଗୀ ଅଞ୍ଚଳର ସହସ୍ରାଧିକ ଅସହାୟ ତଥା ଗରିବ ଶ୍ରେଣୀର ଲୋକଙ୍କୁ କମ୍ବଳ ସହ ଭଗବତ୍ ଗୀତା ପୁସ୍ତକ ଓ କ୍ୟାଲେଣ୍ଡର ବଣ୍ଟନ କରାଯାଇଛି। ଗୋବିନ୍ଦପୁର ପଞ୍ଚାୟତ ସିଦ୍ଧଗିରି ଚାରିଟେବୁଲ ଟ୍ରଷ୍ଟ ଓ ଟେଟ୍ରାହେଡ୍ରନ୍ ଏଜୁକେସନାଲ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ ତଥା ଟାଙ୍ଗୀସ୍ଥିତ ମା' ସୁବର୍ଣ୍ଣବରାହୀଙ୍କ ମନ୍ଦିର ପ୍ରାଙ୍ଗଣରେ ଟେଟ୍ରାହେଡ୍ରନ୍ ଗ୍ରୁପ୍ ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସିଦ୍ଧଗିରି ଆଶ୍ରମ ତଥା ଟ୍ରଷ୍ଟର ପ୍ରତିଷ୍ଠାତା ବାବାଜୀ ବିଶ୍ୱନାଥ ଦାସ ମହାରାଜ, ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ବିଭୁଧେନ୍ଦୁ ଷଡ଼ଙ୍ଗୀ, ସାମାଜିକ କର୍ମୀ ବିଚିତ୍ରାନନ୍ଦ ସ୍ୱାଇଁ, ଶୁଭେନ୍ଦୁନାଥ ଷଡ଼ଙ୍ଗୀ, ଆକାଶ ପାତ୍ର, ଭରତ ସାହୁ ଓ ଅମୂଲ୍ୟ ବେଉରା ଅଂଶଗ୍ରହଣ କରିଥିଲେ। ପ୍ରାୟ ୧୫ ଶହ ଗରିବ ଲୋକେ ଉପକୃତ ହୋଇଥିବା ସୂଚନା ମିଳିଛି।

## ସୁରେନ୍ଦ୍ର ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀ



ନେମାଳ,୨।୧(ସମିସ): ନେମାଳ ଅଚ୍ୟୁତାନନ୍ଦ ବିଦ୍ୟାଳୟରେ ସ୍ୱାଧୀନତା ସଂଗ୍ରାମୀ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ରନାଥ ପଟ୍ଟନାୟକଙ୍କ ୩୬ତମ ଶ୍ରଦ୍ଧାବାର୍ଷିକୀ ପ୍ରାକ୍ତନ ଆଇନଜୀବୀ ନାରାୟଣ ଦ୍ୱିବେଦୀ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ମଳୟ ଦେ, ଧରଣୀଧର ପୁଝାରୀ, ଅମରବଲ୍ଲଭ ଦାସ, ସୁବାଷ ଦାସ କୃଷକ ନେତା ଶରତ ଦାସ, ମାଧବାନନ୍ଦ ପାତ୍ର, ଦୈତାରୀ ବାରିକ ସମେତ ବହୁ ସୁରେନ୍ଦ୍ର ପ୍ରେମୀ, ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିସରରେ ଥିବା ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣକରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସାରସ୍ୱତ ଆଲୋଚନା, କବିତାପାଠ ଓ ପୁସ୍ତକ ଉନ୍ମୋଚନ



**ନିରପେକ୍ଷ ଓ ନିର୍ଭୀକ କଲମ ଚାଳନାରେ ସମାଜ ପରିବର୍ତ୍ତନ ହେବ**

ନିଶ୍ଚିନ୍ତକୋଇଲି,୨।୧(ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ କଲ୍ୟାଣୀ ମଣ୍ଡପରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପରିବାର ଆନୁକୂଲ୍ୟରେ ୨୦୨୬ ନବବର୍ଷ ଅବସରରେ ଏକ ସାହିତ୍ୟ ଆଲୋଚନା, ବାର୍ଷିକ କବିତା ପାଠ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନୁଷ୍ଠାନର ସଭାପତି ବଲ୍ଲଭ ଚରଣ ପଲେଇଙ୍କ ପୌରୋହିତ୍ୟରେ ଏଥିରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ନିଖିଳେଶପଦ ମହାନ୍ତି, ମୁଖ୍ୟବକ୍ତା ଭାବେ ଏସ୍‌ଏମ୍ କଲେଜର ପ୍ରାକ୍ତନ ଅଧ୍ୟକ୍ଷ ବିରୁପାକ୍ଷ ରାୟ, ସମ୍ମାନୀତ ଅତିଥିଭାବେ ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପ୍ରଧାନଶିକ୍ଷକ ଶାରଦା ପ୍ରସାଦ ମିଶ୍ର, ସମ୍ମାନୀତ ଅତିଥିଭାବେ ଆୟୁଷ ଡାକ୍ତର ଜାପାନୀ ମହାପାତ୍ର, କଳିଙ୍ଗ ସାହିତ୍ୟ ଏକାଡେମୀର ପ୍ରତିଷ୍ଠାତା ଡ. ପୂର୍ଣ୍ଣଚନ୍ଦ୍ର ଓଝା, ମାହାଙ୍ଗା ସେବା ମଞ୍ଚର ଅଧ୍ୟକ୍ଷ ଭାବଗ୍ରାହୀ ରାଉତ, ପ୍ରବଚକ ଶରତଚନ୍ଦ୍ର ରଥ, ଆମେ ସବୁ ସାଲେପୁର ଅନୁଷ୍ଠାନର ସଂପାଦକ ସମ୍ବିତ୍ ଦାସ ପ୍ରମୁଖ ସାମାଜିକ ପରିବର୍ତ୍ତନ ସହ ସଂସ୍କୃତି ଓ ପରମ୍ପରାକୁ ଉଜ୍ଜୀବିତ କରିବା ପାଇଁ କବି ଓ ଲେଖକମାନେ ନିର୍ଭୀକ ଓ ନିରପେକ୍ଷ ଭାବେ କଲମ ଚାଳନା କରିବା ପାଇଁ ଆହ୍ୱାନ ଦେଇଥିଲେ। ଶିଶୁ ସାହିତ୍ୟିକ କବି ମହେନ୍ଦ୍ର ଘଡାଇଙ୍କ ସମୀକ୍ଷା ଓ ଯୁବ କବି କ୍ଷୀରୋଦ ଦାସଙ୍କ ସଂଯୋଜନାରେ କବି ଫକୀର ଚରଣ ନାୟକ, ଗୌତମଚରଣ ଜେନା, ମହାଶିଷ ତରାଇ, ସେକ୍ ଜହୁରଉଦ୍ଦିନ୍, ପ୍ରଦ୍ୟୁମ୍ନ ପଣ୍ଡା, ବୈଦନାଥ ମହନ୍ତ, ରାବେୟା ସରୱାର, ରଞ୍ଜନ ବେହେରା, ରାମଚନ୍ଦ୍ର ସାହୁ, ପ୍ରଫୁଲ୍ଲ ସାହୁ, ବିପିନ ବିହାରୀ କର, ପ୍ରଫୁଲ୍ଲ ସିଂ, ଅଭୟ ରାଉତ, ସ୍ନେହମୟୀ ବାରିକ, ଶ୍ରୀନିବାସ ସାହୁଙ୍କ ସମେତ ବହୁ କବି ଓ କବୟିତ୍ରୀ ସ୍ୱରଚିତ କବିତା ପଠନ କରିଥିଲେ। ବିଶିଷ୍ଟ ସାରସ୍ୱତ ସାଧକ ଶାରଦା ପ୍ରସାଦ ମିଶ୍ରଙ୍କ ଲିଖିତ ୬୦ତମ ପୁସ୍ତକ 'ମାଆ ର ଚରଣ ତଳେ' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନର ସଂପାଦକ ପ୍ରମୋଦ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଂଯୋଜିକା ବିଦ୍ୟୁତପ୍ରଭା ସାହୁ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। କବିପ୍ରସାଦ ନାୟକ, ବିଷ୍ଣୁଚରଣ ବେହେରାଙ୍କ ପରିଚାଳନାରେ ସହଯୋଗ କରିଥିଲା ବେଳେ ଯୁବ ସଂଗଠକ ପ୍ରତାପ ଚନ୍ଦ୍ର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପରେ କଟକ ଜିଲ୍ଲାକୁ ସଫଳତା



ନେମାଳ,୨।୧(ସମିସ): ନେମାଳ ଥାନା ଅନ୍ତର୍ଗତ ନଇଗୁଆଁ ଦାଉଦପୁର ହାଇସ୍କୁଲ ଠାରେ ଓଡିଶା ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ୍ ବରୁଣେଇ ଖୋର୍ଦ୍ଧା ଠାରେ ଡିସେମ୍ବର ୨୨ରୁ ୨୬ ପର୍ଯ୍ୟନ୍ତ ଚାଲିଥିବା ୨୦ ତମ ରାଜ୍ୟ ଜାମ୍ବୋରେଟ କ୍ୟାମ୍ପରେ ଜିଲ୍ଲା ଶିକ୍ଷାଧିକାରୀ କଟକ ତଥା କଟକ ଜିଲ୍ଲା ଭାରତ ସ୍କାଉଟ ଓ ଗାଇଡ୍ ସଂଗଠନରେ ଜିଲ୍ଲା ମୁଖ୍ୟ କମିଶନର ନିତ୍ୟାନନ୍ଦ ବାରିକଙ୍କ ନିର୍ଦ୍ଦେଶରେ ନଇଗୁଆଁ ଦାଉଦପୁର ହାଇସ୍କୁଲ ସୁଯୋଗ ଦେଇଥିବାରୁ ରାଜ୍ୟ ପ୍ରଦର୍ଶନୀରେ ଲଗାତାର ଚତୁର୍ଥ ଥର ପାଇଁ ପ୍ରଦର୍ଶନୀରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାକୁ ଗୌରବାନିତ୍ୱ କରିଛନ୍ତି।

## ଧାନ ସଂଗ୍ରହ ପାଇଁ ସଚେତନତା ଶିବିର

କନ୍ଦରପୁର,୨।୧(ସମିସ): କଟକ ସଦର ବ୍ଲକ କନ୍ଦରପୁର ସେବା ସମବାୟ ସମିତି ପକ୍ଷରୁ ଆସନ୍ତା ମାସ ଧାନ ସଂଗ୍ରହ ପାଇଁ ଚାଷୀ ସଚେତନତା ଶିବିର ଆଜି ଶୁକ୍ରବାର କନ୍ଦରପୁର ସେବା ସମବାୟ ସମିତି ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମବାୟ ସମିତିର ସମ୍ପାଦକ ଧିରେନ୍ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ। ଚାଷୀମାନେ ୫୦ କିଲୋ ପରିବର୍ତ୍ତେ ୩୭ କିଲୋ ୫୦୦ ଗ୍ରାମ ଧାନ ଖୋଟ ଅଖାରେ ମଣ୍ଡିକୁ ଆଣିବା ପାଇଁ ନୋଡାଲ ଅଫିସର ସୁବାସଚନ୍ଦ୍ର ସ୍ୱାଇଁ କହିବାରୁ ଉପସ୍ଥିତ ଚାଷୀମାନେ ବିରୋଧ କରିଥିଲେ ଏବଂ ଏନେଇ ଚାଷୀମାନେ କଟକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିବା ଜଣାପଡ଼ିଛି। କୃଷକ ମୋର୍ଚ୍ଚା ଉପସଭାପତି ହୃଷିକେଶ ଜେନା, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ଅକ୍ଷୟ ଜେନା, ପ୍ରମିଳା ବେହେରା, ଲକ୍ଷ୍ମୀଧର ସାହୁ, ହିତ ପ୍ରକାଶ ପରିଡ଼ା, ଦେବବ୍ରତ ମହାପାତ୍ର, ଭୀମସେନ ସାହୁ, ଅଭିମନ୍ୟୁ ସାହୁ, ବିଶ୍ୱଜିତ୍ ସାହୁ, ବିଶ୍ୱନାଥ ମଲ୍ଲିକ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## କ୍ରିକେଟ ପଡ଼ିଆ ପାଲଟିଲା ରଣକ୍ଷେତ୍ର



**୪ ଆହତ; ଦୁଇ ଅଟକ**

ତ୍ରିଶୂଳିଆ,୨।୧(ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ରତାଗଡ ଗ୍ରାମରେ କ୍ରିକେଟ୍ ଖେଳରେ ହାରଜିତ୍‌କୁ ନେଇ ଗଣ୍ଡଗୋଳରେ ୪ ଜଣ ଆହତ ହୋଇ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର ହୋଇଛନ୍ତି। ଆଠଗଡ଼ ଥାନା ଅନ୍ତର୍ଗତ ପାଟେଣୀ ଗାଁ ସହିତ ରତାଗଡ ନୂଆସାହି ମଧ୍ୟରେ ଖେଳ ହୋଇଥିଲା। ଖେଳର ଶେଷ ପର୍ଯ୍ୟାୟରେ ପାଟେଣୀ ଗାଁ ବିଜୟୀ ହୋଇଥିଲା। ପାଟେଣୀ ଗାଁ ଦଳ କ୍ରିକେଟ ଖେଳ ଜିତିବା ପରେ ଖୁସିରେ ଖେଳ ପଡ଼ିଆ ଭିତରେ ଉଭୟ ଉଭୟଙ୍କ ମଧ୍ୟରେ ଅଭିନନ୍ଦନ ଜଣାଇ ନାଚୁଥିବା ବେଳେ ପ୍ରଥମେ ରତାଗଡ଼ ନୂଆସାହି କିଛି ଯୁବକ ହଠାତ ଉତ୍ୟକ୍ତ ହୋଇ ଖେଳ ପଡ଼ିଆରେ ଲାଗିଥିବା ଷ୍ଟମ୍ପ ଓପାଡି ପାଟେଣୀ ଗାଁର ଖେଳାଳିଙ୍କୁ ମାଡ଼ ମାରିବା ପରେ ଖେଳପଡ଼ିଆ ପାଲଟି ଥିଲା ରଣକ୍ଷେତ୍ର। ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେବା ପରେ ପାଟେଣୀ ଗାଁର ଜଗା ପ୍ରଧାନ (୧୮), ବିସ୍ମୟ ସାହୁ(୨୬), ମନୋରଞ୍ଜନ ଜେନା(୨୯), ମନୋଜ ପ୍ରଧାନ (୪୦)ଙ୍କୁ ଅବସ୍ଥା ଗୁରୁତର ଥିବା ବେଳେ ସେମାନଙ୍କୁ ପ୍ରଥମେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଯାଇଥିଲା ପରେ ଆମ୍ବୁଲାନ୍ସ ଯୋଗେ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଘଟଣାସ୍ଥଳରେ ବାରଙ୍ଗ ପୁଲିସ ଦୁଇ ଜଣ ପିଲାଙ୍କୁ ଅଟକ ରଖି ତଦନ୍ତ ଆରମ୍ଭ କରିଛି।

## ନବବର୍ଷରେ ଓଡ଼ିଶୀ ସଂଗୀତ ଆସର




ନିଶ୍ଚିନ୍ତକୋଇଲି,୨।୧(ସମିସ): ନିଶ୍ଚିନ୍ତକୋଇଲିର ସର୍ବପୁରାତନ ଅନୁଷ୍ଠାନ ବେଲେଶ୍ୱରୀ ସଂଗୀତ କଳାନିକେତନ ଆନୁକୂଲ୍ୟରେ ଇଂରାଜୀ ନବବର୍ଷରେ ଏକ ଓଡ଼ିଶୀ ସଂଗୀତ ଆସର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ତଥା ସଂଗୀତନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ ତବଲା ଗୁରୁ ଗୋପୀନାଥ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସହସଂପାଦକ ପରିବେଶବିତ୍ ପ୍ରମୋଦ ଦାଶ, ଉପସଭାପତି ସ୍ୱାଧୀନାନନ୍ଦ ପରିଡା, କବି କୁଳମଣି ସାହୁ, ଶିକ୍ଷାବିତ ଡ. ପ୍ରସନ୍ନ ଦାସ, କୋଷାଧ୍ୟକ୍ଷ ବିଜୟ ପଣ୍ଡା, ଶିକ୍ଷକ ଅଭିମନ୍ୟୁ ସାହୁ, ଅଶୋକ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଦେବାଶିଷ ମହାନ୍ତି, ଯଶୋବନ୍ତ ଜେନା, ଶଶୀରେଖା ସ୍ୱାଇଁ, ଦାମୋଦର ରାଉତ, ଭାଗ୍ୟଧର ସାହୁ, ଗୌତମ ସାହୁ, ସୁବାଷ ଗୋଚ୍ଛାୟତ, ସୁଶାନ୍ତ ମଲ୍ଲିକ, କୃପାସିନ୍ଧୁ ବାରିକ, ଅଜୟ ଦାସ, ବାଣୀରଞ୍ଜନ ସାମଲ, ଅଶୋକ ସାହୁ, ଧରଣୀଧର ମହାନ୍ତି, ନାରାୟଣ ନାଥ ଅଂଶଗ୍ରହଣ କରିଥିଲେ। ବଂଶୀଧର ପରିଡା, ଉଦ୍ଧବ ଚରଣ ପାତ୍ର, କଳ୍ପତରୁ ବାରିକ, ଧର୍ମେନ୍ଦ୍ର ସାମଲ ସହଯୋଗ କରିଥିଲେ।

## ବାଳିକା ଆତ୍ମସୁରକ୍ଷା ତାଲିମ କାର୍ଯ୍ୟକ୍ରମ




କନ୍ଦରପୁର,୨।୧(ସମିସ): କଟକ ସଦର କନ୍ଦରପୁରସ୍ଥିତ କନ୍ଦରପୁର ମହାବିଦ୍ୟାଳୟରେ +୩ ପ୍ରଥମ ବର୍ଷ ଛାତ୍ରୀମାନଙ୍କ ଆତ୍ମସୁରକ୍ଷା ଶିବିର ଉଦଘାଟିତ ହୋଇଯାଇଛି। ଶିବିରରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.ସ୍ୱାତି ପଣ୍ଡା ସଭାପତିତ୍ୱ କରିଥିଲେ। ଏହି ଶିବିରରେ ୧୩୦ରୁ ଉର୍ଦ୍ଧ୍ୱ ଛାତ୍ରୀଙ୍କୁ ୮ ଦିନ ଧରି ଆତ୍ମସୁରକ୍ଷାର ବିଭିନ୍ନ କୌଶଳ ପ୍ରଶିକ୍ଷଣ ଦିଆଯିବ। ଆୟୋଜିତ ଏହି ସଭାର ସଂଯୋଜିକା ଅଧ୍ୟାପିକା ଗୀତାଞ୍ଜଳି ଦାସ ଏହି ପ୍ରଶିକ୍ଷଣର ତାତ୍ପର୍ଯ୍ୟ ସମ୍ପର୍କରେ ସଚେତନ କରାଇଥିଲେ। ଅଧ୍ୟାପକ ସଂଗ୍ରାମ କେଶରୀ ଜଗଦେବ ଓ ଡ.ନମିତା ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଏବଂ ଅଫିସ କର୍ମଚାରୀ ଯୋଗଦେଇଥିଲେ। ପ୍ରିୟଙ୍କା ରାଉତରାୟ ଓ ଶୁଭଶ୍ରୀ ଲେଙ୍କା ପିଲାମାନଙ୍କୁ ୮ ଦିନ ଧରି ଆତ୍ମସୁରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିବେ। ଅଧ୍ୟାପିକା ଦୀପାଳି ରାଉତ ଧନ୍ୟବାଦ ଦେଇଥିଲେ।

## ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଦହିଗାଁ ଚାମ୍ପିଅନ



କଣ୍ଟାପଡ଼ା,୨।୧(ସମିସ): କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଗୋପୀନାଥ ଆଥଲେଟିକ ଆସୋସିଏସନ ବରାହୀପୁର ଆନୁକୂଲ୍ୟରେ ୪୪ତମ ବାର୍ଷିକ ଏକଦିବସୀୟ ଫୁଟବଲ ପ୍ରତିଯୋଗିତା ଗୁପ୍ତମାଣିକା ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମଇନ୍ଦିପୁର, ଗଣ୍ଡରପୁର, ପ୍ରତାପନଗରୀ, ଦେଉଳି, ଦହିଗାଁ, ମାରୁ, ଜୟଭାରତୀ ଓ ପୁରଣ ଆଦି ୮ଟି ଫୁଟବଲ ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ ଦହିଗାଁ ଓ ଜୟଭାରତୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା; ଏହି ସଂଘର୍ଷପୂର୍ଣ୍ଣ ଖେଳରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ଟାଇବ୍ରେକର ପଦ୍ଧତିରେ ଦହିଗାଁ ୪-୨ଗୋଲରେ ବିଜୟୀ ହୋଇ ଚଳିତ ବର୍ଷର ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା। ଜଗଦୀଶଚନ୍ଦ୍ର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ନିଆଳି ବିଧାୟକ ଛବି ମଲିକ, କଣ୍ଟାପଡ଼ା ତହସିଲଦାର ପ୍ରସନ୍ନ ସାମନ୍ତରାୟ, ନିଆଳି ତହସିଲଦାର ତାରିଣୀପ୍ରସାଦ ରାୟ, ଶିକ୍ଷାବିତ ଶରତ ପାଢ଼ୀ ପ୍ରମୁଖ ଅତିଥିରୂପେ ଯୋଗଦେଇ ଚାମ୍ପିଅନ ଓ ରନର୍ସଅପ ଦଳକୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରିଥିଲେ। ଚିତ୍ତରଞ୍ଜନ ପ୍ରଧାନ, ବ୍ରହ୍ମାନନ୍ଦ ଦାସ, ଲକି ହେମ୍ବ୍ରମ, କୀର୍ତ୍ତିରଞ୍ଜନ ସ୍ୱାଇଁ ପ୍ରମୁଖ ଖେଳ ପରିଚାଳନା କରିଥିଲାବେଳେ ଆୟୋଜକ ଗୋପୀନାଥ ଆଥଲେଟିକ ଆସୋସିଏସନ ବରାହୀପୁରର ସଦସ୍ୟମାନେ ସହଯୋଗ କରିଥିଲେ।

## କିଶନନଗର ଥାନାରେ ତ୍ରିନାଥ ଦେବଙ୍କ ଜନ୍ମୋତ୍ସବ



କିଶନନଗର,୨।୧(ସମିସ): କଟକ ସଦର ତଥା ଗ୍ରାମାଞ୍ଚଳ ପୁଲିସ ଜିଲ୍ଲା ଅନ୍ତର୍ଗତ କିଶନନଗର ଥାନାରେ ଶୁକ୍ରବାର ଶ୍ରୀ ଶ୍ରୀ ତ୍ରିନାଥ ଦେବଙ୍କ ଜନ୍ମୋତ୍ସବ ପାଳିତ ହୋଇଛି। ଏକ ଶୋଭାଯାତ୍ରାରେ ଯାଇ ମହାନଦୀରୁ ଜଳ ଆଣାଯାଇ ମନ୍ଦିରରେ ସ୍ଥାପନ କରିବା ପରେ ଯଜ୍ଞ କାର୍ଯ୍ୟକ୍ରମ ଯାଜ୍ଞିକ ବ୍ରାହ୍ମଣ ଓ ପଣ୍ଡିତଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଥାନା ପରିସରରେ ଭଜନ ସମାରୋହ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଯଜ୍ଞୋତ୍ସବରେ କର୍ତ୍ତା କର୍ତ୍ତ୍ରୀ ଭାବେ ଥାନାଧିକାରିଣୀ ଦୁର୍ଗେଶ ନନ୍ଦିନୀ ମହାନ୍ତି ଓ ବରିଷ୍ଠ ଆଇନଜୀବୀ ଅରୁଣ ମହାନ୍ତି କାର୍ଯ୍ୟ ସମ୍ପାଦନ କରିଥିଲେ। ଆଇଆଇସି ଦୁର୍ଗେଶ ନନ୍ଦିନୀ ମହାନ୍ତି, ଇନ୍ସପେକ୍ଟର ଜୟଶ୍ରୀ ସାହୁ, ଇନ୍ସପେକ୍ଟର ସନ୍ତୋଷ ପ୍ରଧାନ, କଲରାବାଙ୍କ ଫାଣ୍ଡି ଅଧିକାରୀ ଏସଆଇ ନରେନ୍ଦ୍ର ନାଥ ସାହୁ, ମାହାଳହାଟ ଫାଣ୍ଡି ଅଧିକାରୀ ଏସଆଇ ଅଜୟ ମହାନ୍ତି, ଏଏସଆଇ ଶୁଭ୍ରାଂଶୁ ଭୋଇ, ଏଏସଆଇ ନିରଞ୍ଜନ ବେହେରା, ଏସଆଇ ତୃପ୍ତିମୟୀ ପଢିଆରୀ ଓ ସମସ୍ତ ଥାନା କର୍ମଚାରୀଙ୍କ ସମେତ କମଳାକାନ୍ତ ନାୟକ, ତ୍ରୈଲୋକ୍ୟ ନାଥ ଗୁଇଁ, ପ୍ରଭାସଚନ୍ଦ୍ର ସେଠୀ, କ୍ଷିତେନ୍ଦ୍ର ନାଥ ମିତ୍ର, ଦିଲ୍ଲୀପ ମହାନ୍ତି, ଡୁଡୁ ମହାନ୍ତି, ସତ୍ୟ ସିଦ୍ଧାନ୍ତ ଦାଶ, ଅମୂଲ୍ୟ ସାହୁ ପ୍ରମୁଖ ସହାୟତା କରିଥିଲେ।

## ସୁରକ୍ଷା କ୍ଷେତ୍ରରେ ଭାରତ-ନେପାଳ ସହଯୋଗ

# ସିଆଇଏସ୍‌ଏଫ୍ ମୁଖ୍ୟାଳୟ ପରିଦର୍ଶନ କଲେ ନେପାଳ ସଶସ୍ତ୍ର ପୁଲିସ ଅଧିକାରୀ

ତ୍ରିଶୂଳିଆ,୨।୧(ସମିସ)

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ) ନେପାଳ ସଶସ୍ତ୍ର ପୁଲିସ ବାହିନୀ (ଏପିଏଫ)ର ୧୯ ଜଣ ପରିଦର୍ଶକ ଅଧିକାରୀଙ୍କ ପାଇଁ ଏକ ସ୍ୱତନ୍ତ୍ର ଅଧ୍ୟୟନ କାର୍ଯ୍ୟକ୍ରମ ଆୟୋଜନ କରିଛି। ନେପାଳର ଏହି ଏକମାତ୍ର ଅର୍ଦ୍ଧସାମରିକ ବାହିନୀ ମୁଖ୍ୟତଃ ଆଭ୍ୟନ୍ତରୀଣ ସୁରକ୍ଷା, ଭିଆଇପି ସୁରକ୍ଷା ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ଦାୟିତ୍ୱ ତୁଲାଇଥାଏ। ଏହି ଉଚ୍ଚସ୍ତରୀୟ ଅଧ୍ୟୟନ ଗସ୍ତ ନେପାଳ ଏପିଏଫ ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ବୃତ୍ତିଗତ ପ୍ରଶିକ୍ଷଣ ପାଠ୍ୟକ୍ରମର ଏକ ଅଂଶ ଭାବେ ଅନୁଷ୍ଠିତ ହେଉଛି। ନୂଆଦିଲ୍ଲୀସ୍ଥିତ ସିଆଇଏସଏଫ ମୁଖ୍ୟାଳୟର ସମ୍ମିଳନୀ କକ୍ଷରେ ଅତିରିକ୍ତ ମହାନିର୍ଦ୍ଦେଶକ ବିଜୟ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଏହି ପାରସ୍ପରିକ ଆଲୋଚନାଚକ୍ର ସମ୍ପନ୍ନ ହୋଇଥିଲା। ଏହି ଅଧିବେଶନରେ ଉଦୀୟମାନ ସୁରକ୍ଷା ଆହ୍ୱାନଗୁଡ଼ିକର ସଫଳ ମୁକାବିଲା ପାଇଁ ସିଆଇଏସଏଫ ଦ୍ୱାରା ନିଆଯାଉଥିବା ଅତ୍ୟାଧୁନିକ ପଦକ୍ଷେପଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ବିଶେଷ କରି ହାଇଦ୍ରାବାଦ ଓ ଭିଲାଇସ୍ଥିତ ତାଲିମ କେନ୍ଦ୍ରରେ ପ୍ରତିଷ୍ଠିତ ଡ୍ରୋନ୍ ପ୍ରଶିକ୍ଷଣ ବିଦ୍ୟାଳୟ ଏବଂ ଡ୍ରୋନ୍ ଜନିତ ବିପଦର ମୁକାବିଲା ପାଇଁ ବାହିନୀର ପ୍ରସ୍ତୁତି ସମ୍ପର୍କରେ ନେପାଳୀ ଅଧିକାରୀଙ୍କୁ ଅବଗତ କରାଯାଇଥିଲା। ଏଥିସହ ସରକାରୀ ଓ ବେସରକାରୀ ପ୍ରତିଷ୍ଠାନଗୁଡ଼ିକୁ ସୁରକ୍ଷା ଢାଞ୍ଚା ସୁଦୃଢ଼ କରିବା ନିମନ୍ତେ ସିଆଇଏସଏଫ ପ୍ରଦାନ କରୁଥିବା ବୃତ୍ତିଗତ ପରାମର୍ଶ ସେବା ବିଷୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଦାନ କରାଯାଇଥିଲା। ମୁଖ୍ୟାଳୟରେ ଆଲୋଚନା ପରେ ନେପାଳୀ ଅଧିକାରୀମାନେ ଦିଲ୍ଲୀ ମେଟ୍ରୋ ରେଳ ନିଗମକୁ କ୍ଷେତ୍ର ପରିଦର୍ଶନ ପାଇଁ ଯାଇଥିଲେ, ଯେଉଁଠାରେ ସେମାନେ ଜନଗହଳିପୂର୍ଣ୍ଣ ସ୍ଥାନର ସୁରକ୍ଷା ପରିଚାଳନା ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଥିଲେ। ନେପାଳ ଏପିଏଫର ଡିଆଇଜି ଶମ୍ଭୁ ସୁବେଦୀ ଏହି ଉଷ୍ମ ଆତିଥ୍ୟ ଓ ଜ୍ଞାନ ଆହରଣର ସୁଯୋଗ ପାଇଁ ଭାରତ ସରକାର ଏବଂ ସିଆଇଏସଏଫକୁ କୃତଜ୍ଞତା ଜଣାଇଥିଲେ। ପୁଲିସ ଗବେଷଣା ଏବଂ ବିକାଶ ବ୍ୟୁରୋର ନିର୍ଦ୍ଦେଶାବଳୀ ଅନୁଯାୟୀ ପରିଚାଳିତ ଏହି ୧୦ ଦିନିଆ ଅଧ୍ୟୟନ ଗସ୍ତ ପଡ଼ୋଶୀ ଦେଶଗୁଡ଼ିକ ସହିତ ବୃତ୍ତିଗତ ସହଯୋଗ ବୃଦ୍ଧି କରିବା ସହ ଦ୍ୱିପାକ୍ଷିକ ସାମରିକ ସମ୍ପର୍କକୁ ଏକ ନୂତନ ଉଚ୍ଚତାକୁ ନେଇଯିବାରେ ସହାୟକ ହେବ।

ସକାଳ THE SAKALA

ଶନିବାର ୩ ଜାନୁଆରୀ ୨୦୨୬ | ୦୯

# ଡ୍ରିମ୍ସ ଅଧ୍ୟକ୍ଷଙ୍କ ବାସଭବନରେ ନୂଆବର୍ଷ ଆସର

କଟକ, ୨।୧(ସମିସ): ଇଂରାଜୀ ନୂତନ ବର୍ଷ ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷଙ୍କ କଏରାପାରୀସ୍ଥିତ ବାସଭବନରେ ଅଭିନନ୍ଦନ ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ବିଭିନ୍ନ ଶିକ୍ଷାନୁଷ୍ଠାନର ଡିନ୍, ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଏବଂ ସମାଜର ବିଭିନ୍ନବର୍ଗର ବ୍ୟକ୍ତି ଯୋଗଦେଇ ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥଙ୍କୁ ପୁଷ୍ପଗୁଚ୍ଛ ଦେଇ ନବବର୍ଷର ଅଭିନନ୍ଦନ ଜ୍ଞାପନ କରିଥିଲେ। ଡ. ରଥ ମଧ୍ୟ ଈଶ୍ୱରଙ୍କ ନିକଟରେ ସମସ୍ତଙ୍କ ସୁଖସମୃଦ୍ଧି କାମନା କରିଥିଲେ। ଏହି ଅବସରରେ ଡ୍ରିମ୍ସ ପଲିଟେକନିକ୍ ଦେଶର ପ୍ରଥମ ଘରୋଇ ଶିକ୍ଷାନୁଷ୍ଠାନ ଭାବରେ ଏଆଇସିଟିଇ ଦ୍ୱାରା 'ସ୍ୱୟଂଶାସିତ' ମାନ୍ୟତା ଲାଭ କରିଥିବା ସ୍ୱୀକୃତିପତ୍ର ନିର୍ଦ୍ଦେଶକ ଇଂ ପ୍ରଦୀପ୍ତ ରଞ୍ଜନ ମହାନ୍ତି ଓ ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ଅଧ୍ୟକ୍ଷ ଡ. ରଥଙ୍କୁ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ ହୋତା, ଭାରପ୍ରାପ୍ତ ରେଜିଷ୍ଟ୍ରାର ଶିଶିର ସାହୁ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ (ଛାତ୍ର ସମ୍ପର୍କ) ଲୋକନାଥ ବେହେରା, ଆଇକ୍ୟୁଏସି ନିର୍ଦ୍ଦେଶକ ଡ. ଆଲୋକ ରଞ୍ଜନ ବିଶ୍ୱାଳ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସଚିବ ସୁଧାଂଶୁଭୂଷଣ କର, ପ୍ରୋଗ୍ରାମ ମ୍ୟାନେଜର ସୁନୟ ମିଶ୍ର, ଲୋକସମ୍ପର୍କ ଅଧିକାରୀ ନିରାକାର ସାହୁ, ମୋହିନୀମୋହନ ରଥ ପ୍ରମୁଖ ଉପସ୍ଥିତ ଥିଲେ।



## କଟକ ଜିଲ୍ଲାରେ ମଣ୍ଡି ଖୋଲିବାରେ ବିଳମ୍ବ

# ଅଭାବୀ ବିକ୍ରିର ଶିକାର ହେଉଛନ୍ତି ଚାଷୀ

କଟକ, ୨।୧(ସମିସ)

ଚଳିତ ଖରିଫ ଋତୁରେ କଟକ ଜିଲ୍ଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଏପର୍ଯ୍ୟନ୍ତ ଆରମ୍ଭ ହୋଇପାରି ନଥିବାରୁ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ଓ ଆଶଙ୍କା ପ୍ରକାଶ ପାଇଛି। ସରକାରୀ ନିୟମ ଅନୁସାରେ ଆସନ୍ତା ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଧାନ କିଣା ପ୍ରକ୍ରିୟା ଜାରି ରହିବାକୁ ଥିଲେ ହେଁ ନିର୍ଦ୍ଧାରିତ ସମୟରେ ମଣ୍ଡିଗୁଡ଼ିକ ନ ଖୋଲିବା ଚାଷୀଙ୍କ ପାଇଁ ସମସ୍ୟା ସୃଷ୍ଟି କରିଛି। ଯଦିଓ ଯୋଗାଣ ବିଭାଗ ପକ୍ଷରୁ ଜାନୁଆରୀ ୧୦ ତାରିଖ ସୁଦ୍ଧା ମଣ୍ଡି ଖୋଲିବ ବୋଲି ପ୍ରତିଶ୍ରୁତି ଦିଆଯାଇଛି, ମାତ୍ର ବର୍ତ୍ତମାନର ଅହେତୁକ ବିଳମ୍ବ ଯୋଗୁଁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଚଳିତ ବର୍ଷ ଅନୁକୂଳ ପାଗ ଯୋଗୁଁ ଜିଲ୍ଲାରେ ପ୍ରାୟ ୧ ଲକ୍ଷ ୨୩ ହଜାର ହେକ୍ଟର ଜମିରେ ଉତ୍ପାଦନ ବୃଦ୍ଧି ପାଇଛି। କିନ୍ତୁ ବିଭାଗୀୟ ତ୍ରୁଟି ଯୋଗୁଁ ଏପର୍ଯ୍ୟନ୍ତ ୭୦ ହଜାର ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ମାତ୍ର ୪୭, ୩୯୬ ଜଣଙ୍କ ସର୍ଭେ ଶେଷ ହୋଇଛି, ଯାହାକି ଟୋକନ ପ୍ରଦାନ ପ୍ରକ୍ରିୟାକୁ ମଧ୍ୟ ପ୍ରଭାବିତ କରିଛି। ଏହି ସ୍ଥିତିର

### ଗାଁ ଗାଁରେ ବେପାରୀଙ୍କ ପ୍ରାଦୁର୍ଭାବ

ସୁଯୋଗ ନେଇ ଗାଁ ଗାଁରେ ଏବେ ବାହାର ବେପାରୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ସରକାର ଏଫଏକ୍ୟୁ ମାନର ଧାନ ପାଇଁ ବୋନସ ସହ କ୍ୱିଣ୍ଟାଲ ପ୍ରତି ୩୧୭୦ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ କରିଥିବା ବେଳେ ବେପାରୀମାନେ ଅସହାୟ ଚାଷୀଙ୍କଠାରୁ ମାତ୍ର ୧୭୦୦ ରୁ ୧୭୫୦ ଟଙ୍କାରେ ଧାନ କିଣି ନେଉଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ, ସାଟେଲାଇଟ୍ ସର୍ଭେକୁ ନେଇ ଚାଷୀମାନେ ଗୁରୁତର ଅଭିଯୋଗ ଆଣିଛନ୍ତି। ଉପଯୁକ୍ତ କ୍ଷେତ୍ର ପରିଦର୍ଶନ ନ କରି କରାଯାଇଥିବା ଏହି ସର୍ଭେ ଯୋଗୁଁ ଧାନ ବିକ୍ରି ପରିମାଣରେ ୧୦ରୁ ୧୫ ପ୍ରତିଶତ କାଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଅନେକ ଚାଷୀ ଧାନ ଅମଳ ପରେ ମୁଗ ବୁଣି ଦେଇଥିବାରୁ ସାଟେଲାଇଟ୍ ସର୍ଭେରେ ସେହି ଜମିଗୁଡ଼ିକ ବାଦ୍ ପଡ଼ିଛି। ଏହା ସହ ଧାନ ବିକ୍ରି କଲେ ରାସନ କାର୍ଡ କଟିଯିବାର ଗୁଜବ ଯୋଗୁଁ ଚାଷୀମାନେ ମଣ୍ଡି ଅପେକ୍ଷା ବେପାରୀଙ୍କୁ ଧାନ ଟେକି ଦେଉଛନ୍ତି। ଜିଲ୍ଲାରେ ମୋଟ ୧୮ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମଣ୍ଡି ଖୋଲିବା ବେଳକୁ ପଞ୍ଜିକୃତ ଚାଷୀଙ୍କ ପାଖରେ ଧାନ ରହିବ କି ନାହିଁ, ତାହାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଅସହାୟଙ୍କୁ କମ୍ବଳ ସହାୟତା



କଟକ, ୨।୧(ସମିସ): କଟକର ସାମାଜିକ ଅନୁଷ୍ଠାନ ସମାଜ କଲ୍ୟାଣ ମହାସଂଘ ପକ୍ଷରୁ ବେଶ୍ ନିଆରା ଢଙ୍ଗରେ ନୂଆବର୍ଷକୁ ସ୍ୱାଗତ କରାଯାଇଛି। ନିଜ ନିଜର ରୋଜଗାର ଏବଂ ପକେଟ ମନିରୁ ପଇସା ଆଦାୟ କରି ପ୍ରାୟ ୧୦୧ରୁ ଅଧିକ ଅସହାୟ ଲୋକଙ୍କୁ ଶୀତ ଦାଉରୁ ଆରାମ ଦେବାକୁ ପ୍ରୟାସ କରିଛନ୍ତି ମହାସଂଘର ସଦସ୍ୟମାନେ। ୩୧ ରାତିରେ କଟକର କଲେଜଛକ, ରାଣୀହାଟ, ତାଳଦଣ୍ଡା କେନାଲ ନିକଟ, ଯୋବ୍ରା, କଟକ ରେଳ ଷ୍ଟେସନ ଆଦି ଅଞ୍ଚଳରେ ମହାସଂଘର ପ୍ରାୟ ୪୦ରୁ ଅଧିକ ସଦସ୍ୟ କମ୍ବଳ ଓ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସମାଜ କଲ୍ୟାଣ ମହାସଂଘର ସମ୍ପାଦକ କିରଣ ମହାପାତ୍ର, କୋଷାଧ୍ୟକ୍ଷ କୈଳାସଚନ୍ଦ୍ର ଦାସ, ଉପସଭାପତି ବିଶ୍ୱଜିତ ପାଣି, ଉପସଭାପତି ତଥା ଗଣମାଧ୍ୟମ ସଂଯୋଜକ ପରେଶ କୁମାର ମୂଳିଆ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଧୀରଜ, ବିଶ୍ୱଜିତ୍, ତୁଷାର, ତପନ, ରଞ୍ଜିତ, ଅଭିଷେକ, ମୁକେଶ, ଗଣିଆ, ଅଭୟ ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ହିନ୍ଦୁ ମହାସଭା ଓ ଟେକ୍ସଟାଇଲ୍ ଆସୋସିଏସନ୍‌ର ସାଧାରଣ ସମ୍ପାଦକ ହିମାଂଶୁ



ସାଲେପୁର, ୨।୧(ସମିସ): ସାଲେପୁର ବିଜେପି ସଂଗଠକ ତଥା କଟକ ଜିଲ୍ଲା ବିଜେପି ଉପସଭାପତି ଡଃ ହିମାଂଶୁ ମହାନ୍ତିଙ୍କୁ ସର୍ବଭାରତୀୟ ଟେକ୍ସଟାଇଲ୍ ଆସୋସିଏସନ୍ ଓ ହିନ୍ଦୁ ମହାସଂଘର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ରାଷ୍ଟ୍ରୀୟ ହିନ୍ଦୁ ମହାସଂଘ ଓ ସର୍ବଭାରତୀୟ ଟେକ୍ସଟାଇଲ୍ ଆସୋସିଏସନ୍‌ର ଅଧ୍ୟକ୍ଷ ଡଃ ଏସ୍. ଭେଲ୍‌ଶ୍ରୀଙ୍କ ଅନୁମୋଦନ କ୍ରମେ ସଭାପତି ପ୍ରଫୁଲ୍ଲ ମହାପାତ୍ର ଚିଠି ମାଧ୍ୟମରେ ଜଣାଇଛନ୍ତି। ଡଃ ମହାନ୍ତିଙ୍କୁ ନୂତନ ଭାବେ ରାଷ୍ଟ୍ରୀୟ ହିନ୍ଦୁ ମହାସଭା ଓ ଟେକ୍ସଟାଇଲ୍ ଆସୋସିଏସନ୍‌ର ସର୍ବଭାରତୀୟ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଥିବାରୁ ଡ. ମହାନ୍ତି ଡ. ଏସ୍. ଭେଲସି ଓ ଶ୍ରୀ ମହାପାତ୍ରଙ୍କୁ କୃତଜ୍ଞତା ପ୍ରକାଶ କରିଛନ୍ତି।

# ଦ୍ୱିତୀୟ ଦିନରେ ବାଳ ମୁକୁନ୍ଦଦେବଙ୍କ ପୌଷ ପୂର୍ଣ୍ଣିମା ମେଳା



ତିଗିରିଆ, ୨।୧(ସମିସ): ତିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଅଧୀନ ମୁଣ୍ଡିପାଗୁଳି ପାହାଡ ଉପରେ ଅବସ୍ଥିତ ଶ୍ରୀ ଶ୍ରୀ ବାଳମୁକୁନ୍ଦ ଦେବଙ୍କ ପ୍ରସିଦ୍ଧ ପୌଷ ପୂର୍ଣ୍ଣିମା ମେଳା ଆଜି ଦ୍ୱିତୀୟ ଦିନରେ ପହଞ୍ଚିଛି। ଭାଦ୍ରବ ମାସ ଶୁକ୍ଳ ପକ୍ଷ ତ୍ରୟୋଦଶୀ ତିଥିଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ଅନୁଷ୍ଠିତ ହେଉଥିବା ଏହି ପ୍ରସିଦ୍ଧ ମେଳାର ଆଜି ଦ୍ୱିତୀୟ ଦିବସରେ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ସହ ଠାକୁରଙ୍କ ନିକଟରେ ଭାଗବତ ପାରାୟଣ ସହିତ ସନ୍ଧ୍ୟାରେ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ଶନିବାର ମେଳାର ଅନ୍ତିମ ଦିବସରେ ଭାଗବତ ପାରାୟଣ, ଗୀତାଯଜ୍ଞ ଅନୁଷ୍ଠିତ ହୋଇ ଶେଷରେ ପୂର୍ଣ୍ଣାହୁତି ସହ ଚଳିତ ବର୍ଷର ମେଳା ଶେଷ ହେବ ବୋଲି ସୂଚନା ମିଳିଛି।

# ଝିଅର ଶବ ଦେଖିବାକୁ ଆସି ମା' ନିଖୋଜ



ଆଠଗଡ଼, ୨।୧(ସମିସ): ଆଠଗଡ଼ ଥାନା ଅନ୍ତର୍ଗତ ଖୁଣ୍ଟକଟା ଅଂଶୁପା ରେଷ୍ଟୋରାଁରେ କାର୍ଯ୍ୟରତ ମହିଳା କର୍ମଚାରୀ ଲିପିକା ବିଶ୍ୱାଳ ଗତ ୩୧ ତାରିଖରେ ଆତ୍ମହତ୍ୟା କରିଥିଲେ। ଝିଅର ମୃତ୍ୟୁଖବର ପାଇ ଭଦ୍ରକ ଜିଲ୍ଲା ଧୂଷୁରୀ ଥାନା ଅନ୍ତର୍ଗତ ଅନଳଡିହ ଗ୍ରାମର ମୃତକଙ୍କ ବାପା ଜଗନ୍ନାଥ ବିଶ୍ୱାଳ, ମା' ଜନନୀ ବିଶ୍ୱାଳ ଏକ କାରରେ ଆଠଗଡ଼ ଆସିଥିଲେ। ମା' ଜନନୀ ବିଶ୍ୱାଳ ଥାନା ଆଗରେ କାରରୁ ଓହ୍ଲେଇ ଚାଲି ଚାଲି ବଜାର ଆଡ଼କୁ ଯାଇଥିଲେ। ଜଗନ୍ନାଥ ଓ କାର ଚାଳକ ବହୁ ସମୟ ଅପେକ୍ଷା କରି ବଜାରରେ ଖୋଜାଖୋଜି କରି ତାଙ୍କୁ ପାଇ ନ ଥିଲେ। ଜଗନ୍ନାଥ ଏ ସମ୍ପର୍କରେ ଆଠଗଡ଼ ଥାନାରେ ଜଣାଇବାରେ ପୁଲିସ ମଧ୍ୟ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଜନନୀଙ୍କୁ ପାଇ ନ ଥିଲେ। ଇତିମଧ୍ୟରେ ୨ ଦିନ ବିତି ଯାଇଥିଲେ ମଧ୍ୟ ତାଙ୍କ କୌଣସି ପତ୍ତା ମିଳିନାହିଁ। ପୁଲିସ ଆଠଗଡ଼ ତଥା ଆଖ ପାଖ ଅଞ୍ଚଳରେ ଲାଗିଥିବା ସିସିଟିଭିର ଫୁଟେଜ ଯାଞ୍ଚ କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ପାରିନାହିଁ। ଶୁକ୍ରବାର ଜନନୀଙ୍କ ପୁଅ ଲକ୍ଷ୍ମୀଧର ଓ ଗ୍ରାମର ଶୁଭେଚ୍ଛୁମାନେ ଆଠଗଡ଼ ଆସି ଥାନା ପୁଲିସ ସହାୟତାରେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରି ନିରାଶ ହୋଇ ଫେରିଥିବା ଜଣାପଡ଼ିଛି।

# ବେଆଇନ ବାଂଲାଦେଶୀ ନାଗରିକଙ୍କ ସମ୍ପର୍କରେ ତଦନ୍ତ ଦାବି



ନରସିଂହପୁର, ୨।୧(ସମିସ): ନରସିଂହପୁର ବ୍ଲକ ଅନ୍ତର୍ଗତ ଯୋଡୁମୁ ଥାନା ଅଞ୍ଚଳରେ ଅବୈଧ ବାଂଲାଦେଶୀ ନାଗରିକଙ୍କ ପ୍ରବେଶ ସମ୍ପର୍କରେ ତଦନ୍ତ ସହିତ ଆଇନଶୃଙ୍ଖଳା ରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। କିଛି ଅଜଣା ବ୍ୟକ୍ତି ଯଥୋଚିତ ପରିଚୟପତ୍ର କିମ୍ବା ବୈଧ ରହିବା ସମ୍ପର୍କିତ ଦଲିଲ ବିନା ଏଠାରେ ବସବାସ କରୁଛନ୍ତି। ଏହା ଦ୍ୱାରା ଆଇନଶୃଙ୍ଖଳା, ସାମାଜିକ ସୁରକ୍ଷା ଓ ସାମ୍ପ୍ରଦାୟିକ ସମ୍ମନ୍ୱୟ ପ୍ରତି ବିଭିନ୍ନ ଆଶଙ୍କା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ଅବୈଧ ବାଂଲାଦେଶୀ ନାଗରିକଙ୍କର ସଂଖ୍ୟା ନିର୍ଣ୍ଣୟ, ସେମାନଙ୍କ ପାଖରେ ବୈଧ ପରିଚୟପତ୍ର ତାହାର ଯାଞ୍ଚ, ଅବୈଧ ଭାବେ ବସବାସ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନ ଅନୁସାରେ ଉଚିତ ପଦକ୍ଷେପ ଗ୍ରହଣ କରାଯାଇ ସ୍ଥାନୀୟ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଉ ବୋଲି ଦାବି ହୋଇଛି। ଏଥିନେଇ ସ୍ଥାନୀୟ ଅଞ୍ଚଳର ମୋହନ ପ୍ରଧାନ, ଉପେନ୍ଦ୍ର ପଣ୍ଡା, ପ୍ରଫୁଲ୍ଲ ମୁଦୁଲି, ପବିତ୍ର ବାରିକ, ମାନସ ସାହୁ, ସଦାନନ୍ଦ ନାୟକ ପ୍ରମୁଖ ଏକ ଦାବିପତ୍ର ଯୋଡୁମୁ ଥାନା ଅଧିକାରୀ ପରୋ ଟୁଡୁଙ୍କୁ ପ୍ରଦାନ କରିଛନ୍ତି।

● ୪୨ତମ ମା' ମହାଶ୍ୟାମଳା କ୍ରିକେଟ ଟୁର୍ଣ୍ଣାମେଣ୍ଟ

# କନ୍ତପହଁରାକୁ ହରାଇ ଫାଇନାଲରେ ଚୌଦ୍ୱାର



ତିଗିରିଆ, ୨।୧(ସମିସ): ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ଅଧୀନ ବଢେଇ ଚବକା ଖେଳ ପଡ଼ିଆରେ ଚାଲିଥିବା ୪୨ତମ ମା ମହାଶ୍ୟାମଳା କ୍ରିକେଟ ପ୍ରତିଯୋଗିତାର ଆଜି ଅନୁଷ୍ଠିତ ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ଚୌଦ୍ୱାର କ୍ରିକେଟ କ୍ଲବ୍ ବିପକ୍ଷ କନ୍ତପହଁରା କ୍ରିକେଟ କ୍ଲବକୁ ୨୫ ରନରେ ପରାସ୍ତ କରି ଶେଷ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଚୌଦ୍ୱାର ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ଟି ୱିକେଟ ହରାଇ ୧୨୨ ରନ ସଂଗ୍ରହ କରିଥିଲା। ଜବାବରେ କନ୍ତପହଁରା ଦଳ ନିର୍ଦ୍ଧାରିତ ୧୫ ଓଭର ୮ଟି ୱିକେଟ୍ ହରାଇ ମାତ୍ର ୯୭ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ବ୍ୟାଟିଂରେ ଚୌଦ୍ୱାର ଦଳର ପିନୁ ୩୨ ବଲରେ ଆକର୍ଷଣୀୟ ୪୪ରନ ସଂଗ୍ରହ କରି ଦଳର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଜିର ଖେଳରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ତିନିଗଡ଼ ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ସୁଜାତା ପାଢ଼ୀ ଯୋଗଦେଇ ଉଭୟ ଦଳର ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ଶ୍ରୀମୟ ପ୍ରଧାନ ଓ ସିଦ୍ଧାନ୍ତ ଜେନା ପରିଚାଳନା କରିଥିଲେ। ହେମନ୍ତ ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିଲେ।

## ମହାପୁରୁଷଙ୍କ ଲାଗି ହେବ ସର୍ବବୃହତ ପଗଡ଼ି



ପୁଷ୍ୟାଭିଷେକ ପାଇଁ ରାଜାଧୀରାଜ ବେଶରେ ଦର୍ଶନ ଦେବେ ମହାପ୍ରଭୁ ଅଚ୍ୟୁତାନନ୍ଦ।

# ଲକ୍ଷ୍ମୀ ବସ୍ ଟାୟାରରୁ ବାହାରିଲା ଧୂଆଁ

● ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତିଲେ ଯାତ୍ରୀ



ତିଗିରିଆ, ୨।୧(ସମିସ): ଶୁକ୍ରବାର ପୂର୍ବାହ୍ନରେ ତିଗିରିଆ ବ୍ଲକ ଅଚଳକୋଟ ପଞ୍ଚାୟତ ଅଧୀନ ଗ୍ରାମ ଚଉପାଢ଼ୀ ନିକଟରେ କଲେଜ ଛାତ୍ରଛାତ୍ରୀ ଓ ଯାତ୍ରୀଙ୍କୁ ନେଇ ଆସୁଥିବା ଲକ୍ଷ୍ମୀ ବସର ଚକରୁ ହଠାତ ଧୂଆଁ ବାହାରିବା ଆରମ୍ଭ କରିଥିଲା। ଯାହାକୁ ଦେଖି ବସ ମଧ୍ୟରେ ଥିବା ସମସ୍ତ ଯାତ୍ରୀଙ୍କ ସମେତ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ବସର କର୍ମଚାରୀମାନେ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ବସରୁ ବାହାରକୁ ବାହାର କରିଥିଲେ। ବସଟି ଉକ୍ତ ସ୍ଥାନରେ ଦୀର୍ଘ ସମୟ ରହିବା ପରେ ପୁନଶ୍ଚ ନିଜର ଗନ୍ତବ୍ୟସ୍ଥଳ ଅଭିମୁଖେ ଗତି କରିଥିଲା।

# ବିଜେପିର ନବନିଯୁକ୍ତ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା

ତିଗିରିଆ, ୨।୧(ସମିସ): ତିଗିରିଆ ବ୍ଲକ ବିଜେପି ପକ୍ଷରୁ ଶୁକ୍ରବାର ଜିଲ୍ଲାର ଗ୍ରାମୀଣ ଜିଲ୍ଲା ବିଜେପି କମିଟିରେ ସ୍ଥାନ ପାଇଥିବା ବ୍ଲକର ସମସ୍ତ ନବନିଯୁକ୍ତ ପଦାଧିକାରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବ୍ଲକର ତିଗିରିଆ ମଣ୍ଡଳ ସଭାପତି ମାନସ କୁମାର ନାୟକ ଓ ନୂଆପାଟଣା ମଣ୍ଡଳ ସଭାପତି ଦିପୁନା ସେନାପତିଙ୍କ ପୌରୋହିତ୍ୟରେ ପୁରୁଣା ତିଗିରିଆ ପଞ୍ଚାୟତ ଅଧୀନ



ଅମୁଣିଆସାହିଠାରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଗ୍ରାମୀଣ ବିଜେପି ସଭାପତି ରାମନାରାୟଣ ମହାନ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ ବିଜେପି କର୍ମକର୍ତ୍ତା ମୁଖ୍ୟଅତିଥି ଶ୍ରୀ ମହାନ୍ତିଙ୍କୁ ଏକ ବାଇକ ଶୋଭାଯାତ୍ରାରେ ନୂଆସଡକ ଛକଠାରୁ ସଭାସ୍ଥଳକୁ ଆଣିଥିଲେ। ମୁଖ୍ୟଅତିଥି ଶ୍ରୀ ମହାନ୍ତି ନବନିଯୁକ୍ତ ପଦାଧିକାରୀଙ୍କ ମଧ୍ୟରେ ଜିଲ୍ଲା ଗ୍ରାମୀଣ ବିଜେପି କମିଟିରେ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ସ୍ଥାନ ପାଇଥିବା ହରେକୃଷ୍ଣ ମହାନ୍ତିଙ୍କ ସମେତ ୬ ଜଣ ନୂତନ ପରିଚାଳନା କମିଟି ସଦସ୍ୟ ବିକ୍ରମ କେଶରୀ ଦାଶ, ପୂର୍ଣ୍ଣଚନ୍ଦ୍ର ସାହୁ, ସୁରେନ୍ଦ୍ର ସ୍ୱାଇଁ, ପ୍ରଣବ ପଟ୍ଟନାୟକ, ସୁଧାକର ବେହେରା, ସନ୍ତୋଷ ରାଉତଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅଭିନନ୍ଦନ ଜଣାଇଥିଲେ।

## ନୂଆପାଟଣାରେ ବୟନ ସଚିବ

# ସୂତାକଳର ପୁନରୁଦ୍ଧାର ଓ ପ୍ରଶିକ୍ଷଣ କେନ୍ଦ୍ର ପାଇଁ ବୁଣାକାରଙ୍କ ଦାବି

ତିଗିରିଆ, ୨।୧(ସମିସ)



ରାଜ୍ୟର ପ୍ରସିଦ୍ଧ ହସ୍ତତନ୍ତ ଗ୍ରାମ ନୂଆପାଟଣାକୁ ଶୁକ୍ରବାର ରାଜ୍ୟ ସରକାରଙ୍କ ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗ ସଚିବ ଗୁହା ପୁନମ ଗସ୍ତ କରି ବୁଣାକାରମାନଙ୍କ ସମସ୍ୟା ଅନୁଧ୍ୟାନ କରିଛନ୍ତି। ଗସ୍ତ ସମୟରେ ସଚିବ ନୂଆପାଟଣାସ୍ଥିତ ନଂ-୧ ବୁଣାକାର ସମିତି ପରିସରରେ ପ୍ରତିଷ୍ଠାତା ଅର୍ଜୁନ ସୁବୁଦ୍ଧିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସେ ସେଠାରେ ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ବିଶ୍ୱପ୍ରସିଦ୍ଧ 'ଖଣ୍ଡୁଆ ଶାଢ଼ି'ର ଗୁଣବତ୍ତା ପରଖିବା ସହ ବୁଣାକାରମାନେ କିପରି ପାରମ୍ପରିକ ତଥା ପ୍ରାକୃତିକ ଉପାୟରେ ସୂତାରେ ରଙ୍ଗ ପ୍ରୟୋଗ କରୁଛନ୍ତି, ତାହା ଦେଖି ଅଭିଭୂତ ହୋଇଥିଲେ। ଖଣ୍ଡୁଆ ବସ୍ତ୍ରର ପାରମ୍ପରିକ କୌଶଳକୁ ବଞ୍ଚାଇ ରଖିବା ପାଇଁ ଏକ ସ୍ୱତନ୍ତ୍ର ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ ଏବଂ ପ୍ରାକୃତିକ ରଙ୍ଗ ପ୍ରସ୍ତୁତି ପାଇଁ ଆବଶ୍ୟକ ଭିତ୍ତିଭୂମିର ବିକାଶ ନେଇ ସମିତି ସଭାପତି କେଶବଚନ୍ଦ୍ର ପାତ୍ର ଓ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବୁଣାକାର ଅର୍ଜୁନ ପାଲ ସଚିବଙ୍କ ନିକଟରେ ଦାବି ରଖିଥିଲେ। ଏଥିସହିତ ଖଣ୍ଡୁଆ ବସ୍ତ୍ରର ଏକ ସଂଗ୍ରହାଳୟ ପ୍ରତିଷ୍ଠା କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ, ନୂଆପାଟଣାରେ ଦୀର୍ଘ ଦିନ ଧରି ବନ୍ଦ ହୋଇପଡ଼ିଥିବା ଜଗନ୍ନାଥ ସମବାୟ ସୂତାକଳକୁ ପୁଣି କାର୍ଯ୍ୟକ୍ଷମ କରିବା ଏବଂ ସମିତିର ସମ୍ପାଦକଙ୍କ ଦରମା ବୃଦ୍ଧି ପାଇଁ ସଞ୍ଜୟ କର ଓ ତ୍ରିନାଥ ଦାସ ପ୍ରମୁଖ ଦାବି କରିଛନ୍ତି। ସ୍ଥାନୀୟ ବୁଣାକାର ସମିତି ସଭାପତି ପ୍ରଦୀପ ବର୍ଦ୍ଧନ ସରକାରୀ ସଂସ୍ଥା 'ବୟନିକା'ର କାର୍ଯ୍ୟଶୈଳୀ ଉପରେ କ୍ଷୋଭ ପ୍ରକାଶ କରିଥିଲେ। ପୂର୍ବରୁ ବୟନିକା ପ୍ରତି ମାସରେ ଥରେ ସମିତିରୁ ବସ୍ତ୍ର କ୍ରୟ କରୁଥିବା ବେଳେ ଏବେ ୩ ମାସରେ ଥରେ ମଧ୍ୟ ବସ୍ତ୍ର ନେଉ ନାହିଁ। ଫଳରେ ବୁଣାକାରମାନେ ନିଜର ପ୍ରାପ୍ୟ ପାଇବାରେ ବିଳମ୍ବ ହେଉଛି ଏବଂ ସେମାନଙ୍କ ଆର୍ଥିକ ସ୍ଥିତି ବିଗିଡ଼ିବାରେ ଲାଗିଛି। ଏଥିସହିତ ବୁଣାକାରମାନଙ୍କୁ ମିଳୁଥିବା ଭତ୍ତା ଠିକ୍ ସମୟରେ ପ୍ରଦାନ କରିବାକୁ ସେମାନେ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହି ଗସ୍ତ ସମୟରେ କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ, ଆଠଗଡ଼ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା, ତିଗିରିଆ ତହସିଲଦାର ଅକ୍ଷୟ ପରିଡ଼ା ଏବଂ ସହକାରୀ ବୟନ ଶିଳ୍ପ ନିର୍ଦ୍ଦେଶକ ଜୟପ୍ରକାଶ ନାରାୟଣ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ସଚିବ ସମସ୍ତ ଦାବିଗୁଡ଼ିକୁ ସହୃଦୟତାର ସହ ଶୁଣିଥିଲେ ଏବଂ ଏହାର ସମାଧାନ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

● ଓଏସ୍ଏପି ଷଷ୍ଠ ବାଟାଲିଅନ ନିର୍ବାଚନ

# ବିମଳ ସଭାପତି, ଉମେଶ ସମ୍ପାଦକ





କଟକ, ୨।୧(ସମିସ): କଟକସ୍ଥିତ ଓଏସଏପି ଷଷ୍ଠ ବାଟାଲିଅନ୍ ହାବିଲଦାର, ସିପାହୀ ଓ କନେଷ୍ଟବଳ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଫଳାଫଳ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇଛି। ଗତ ଡିସେମ୍ବର ୩୧ ତାରିଖରେ ବାଟାଲିଅନ ପରିସରରେ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଏହି ନିର୍ବାଚନ ପ୍ରକ୍ରିୟା ସମ୍ପନ୍ନ ହୋଇଥିଲା। ହାବିଲଦାର ବିମଳ ପାତ୍ର ସଂଘର ସଭାପତି ଭାବେ ନିର୍ବାଚିତ ହୋଇଥିବା ବେଳେ ସାରଦା ପ୍ରସାଦ ମହାପାତ୍ରଙ୍କୁ ଉପସଭାପତି ଭାବେ ଚୟନ କରାଯାଇଛି।

ସେହିପରି ଉମେଶଚନ୍ଦ୍ର ଲେଙ୍କା ସଂଘର ସମ୍ପାଦକ ଭାବେ ବିଜୟୀ ହୋଇଥିବା ବେଳେ ଅଟଳ ବିହାରୀ ସାହୁଙ୍କୁ କୋଷାଧ୍ୟକ୍ଷ ଦାୟିତ୍ୱ ଅର୍ପଣ କରାଯାଇଛି। ନୂତନ ବର୍ଷର ପ୍ରାରମ୍ଭରେ ଏହି ଫଳାଫଳ ଘୋଷଣା ହେବା ପରେ ବାଟାଲିଅନ କର୍ମଚାରୀଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ନବନିର୍ବାଚିତ କର୍ମକର୍ତ୍ତା ବାଟାଲିଅନର କର୍ମଚାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବଂ ସାଂଗଠନିକ କାର୍ଯ୍ୟକୁ ଅଧିକ ସୁଦୃଢ଼ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରକାଶ କରିଛନ୍ତି।

